RNI. Regd. No. ORORI/25/A1227
■ 13 October 2026, Tuesday
■ Vol-02 ■ Issue - 94
■ Odia ■ Daily
■ Puri ■ Page- 8
■ Price-Rs.5/-
■ ୧୩ ଅକ୍ଟୋବର ୨୦୨୬, ମଙ୍ଗଳବାର
■ ୦୨ ବର୍ଷ ■ ସଂଖ୍ୟା-୯୪ ■ ଓଡ଼ିଆ
■ ଦୈନିକ (ପ୍ରାତଃ ସଂସ୍କରଣ) ■ ପୁରୀ
■ ପୃଷ୍ଠା- ୮ ■ ମୂଲ୍ୟ-୫/
www.prabahaepaper.com

ସମୟ ସ୍ରୋତରେ ଆମେ
ପ୍ରବାହ
PRABAHA
A Leading Odia Daily News Paper

prabahatv.com
odia.prabahatv.com
prabaha tv
YouTube prabaha tv

# ଜନ୍ତର ମନ୍ତରରେ ଧାରଣା ମନା: ଦିଲ୍ଲୀରେ ପ୍ରତିବାଦ ପାଇଁ ତିନୋଟି ନୂତନ ସ୍ଥାନ ନିରୂପଣ କଲେ ସରକାର



ନୂଆଦିଲ୍ଲୀ,୧୨/ ୧୦(ପ୍ରବାହ ନ୍ୟୁଜ); ଦିଲ୍ଲୀର ଯନ୍ତରମନ୍ତରକୁ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳ ତାଲିକାରୁ ବାଦ୍ ଦେଇଛନ୍ତି ଦିଲ୍ଲୀ ପୁଲିସ। ଏଣିକି ରାଜଧାନୀରେଆନ୍ଦୋଳନ ଓ ଧାରଣା ପାଇଁ ରାମଲୀଳା ମୈଦାନ, ଉତ୍ତର ଦିଲ୍ଲୀର ବୁରାଡ଼ି ମୈଦାନ ଏବଂ ପୂର୍ବ ଦିଲ୍ଲୀର ଶାହଦରାସ୍ଥିତ ସିବିଡି ଗ୍ରାଉଣ୍ଡକୁ ନିର୍ଦ୍ଧାରିତ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଆଜି ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗଠନ କରିଥିବା ଏକ କମିଟିର ସୁପାରିସ ଆଧାରରେ ଏହି ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ପୁଲିସ କମିସନରଅନୁରାଗ କୁମାର ଅକ୍ଟୋବର ୧୧ରେ ଜାରି କରିଥିବା ଆଦେଶରେ ଏହି ସଂଶୋଧନ କରାଯାଇଛି। ଏହା ୨୮ ଏପ୍ରିଲ ୨୦୨୨ରେ ଜାରି ହୋଇଥିବା ପୂର୍ବ ଆଦେଶର ଆଂଶିକ ସଂଶୋଧନ। ନୂଆ ସ୍ଥାନଗୁଡ଼ିକରେ ପ୍ରତିବାଦ ଆୟୋଜନ ପାଇଁ ସ୍ୱତନ୍ତ୍ର ମାନକ ପରିଚାଳନା ପଦ୍ଧତି (ଏସ୍ଓପି) ପରେ ଜାରି କରାଯିବ ବୋଲି ପୁଲିସ କହିଛି। ଦୀର୍ଘ ବର୍ଷ ଧରି ଯନ୍ତରମନ୍ତର ଦେଶର ବିଭିନ୍ନ ରାଜନୈତିକ ଓ ସାମାଜିକ ଆନ୍ଦୋଳନର ଏକ ପ୍ରମୁଖ କେନ୍ଦ୍ର ରହିଆସିଥିଲା। ସଂସଦ ଓ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟ ନିକଟରେ ଥିବାରୁ ଏଠାରେ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହଜ ହେଉଥିଲା। ସମ୍ପ୍ରତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫାଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ଯନ୍ତରମନ୍ତର ଅଞ୍ଚଳରେ ପ୍ରତିବାଦ ହୋଇଥିଲା। କକ୍ରୋଚ୍ ଜନତା ପାର୍ଟି, କଂଗ୍ରେସ ଓ ଅନ୍ୟ ସଂଗଠନଗୁଡ଼ିକ ଏହି ପ୍ରସଙ୍ଗରେ ଆନ୍ଦୋଳନ କରିଥିଲେ। ନୂଆ ନିଷ୍ପତ୍ତି ଫଳରେ ଦିଲ୍ଲୀରେ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳର ବ୍ୟବସ୍ଥା ବଦଳିଛି।

## ଏବେ ସାରା ଦେଶ ହେବ ଜନ୍ତରମନ୍ତର : ଅଭିଜିତ ଦୀପକେ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସବିକ୍ଷୋଭ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥାନ ତାଲିକାରୁ ଜନ୍ତରମନ୍ତରକୁ ହଟାଇ ଦେଇଛି । ଏହା ବଦଳରେ ବିକ୍ଷୋଭ ଓ ଧାରଣା ପାଇଁ ତିନୋଟି ନୂଆ ସ୍ଥାନ ନିର୍ଦ୍ଧାରଣ କରିଛି। ଏନେଇ ପୁଲିସ କମିସନର ଅନୁରାଗ କୁମାର ଏକ ସ୍ଥାୟୀ ଆଦେଶ ଜାରି କରିଛନ୍ତି। ଏହି ନିଷ୍ପତ୍ତି ଉପରେ କକ୍‌ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ ଦୀପକେ କହିଛନ୍ତି, ଜନ୍ତରମନ୍ତରକୁ ବିକ୍ଷୋଭ ପ୍ରଦର୍ଶନର ନିର୍ଦ୍ଧାରିତ ସ୍ଥାନ ଭାବେ ହଟାଇ ଦିଆଯାଇଛି। ହଁ, ଏବେ ଏହା ଆଉ ବିକ୍ଷୋଭ ସ୍ଥଳ ନୁହେଁ। କାରଣ ସେହି ଭୀରୁ ଏକଛତ୍ରବାଦୀ ଶାସକ ଏହାକୁ ଆଗରୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିଦେଇଥିଲେ। ଏବେ ସାରା ଦେଶ ଜନ୍ତରମନ୍ତର ହେବ! ଅନ୍ୟପକ୍ଷରେ, ସିଜେପିନେତା ସୌରଭ ଦାସ ମଧ୍ୟ ଏହି



ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। 'ଏକ୍ସ'ରେ ସେ ଲେଖିଛନ୍ତି, ଏହା ଗ୍ରହଣୀୟ ନୁହେଁ। ନରେନ୍ଦ୍ର ମୋଦୀ ଜନ୍ତରମନ୍ତରକୁ କାହିଁକି ଭୟ କରୁଛନ୍ତି ? ଜନ୍ତରମନ୍ତର ଭାରତବାସୀଙ୍କର। ଏହି ନିଷ୍ପତ୍ତି ନେବା ପୂର୍ବରୁ ଗୃହ ମନ୍ତ୍ରଣାଳୟ ଦେଶର ଲୋକଙ୍କ ସହ ପରାମର୍ଶ କରିଥିଲା କି ? କୌଣସି ଅଂଶୀଦାର କିମ୍ୱା ସଂଗଠନ ସହ ଆଲୋଚନା କରାଯାଇଥିଲା କି ? ସେ ଆହୁରି କହିଛନ୍ତି, ଲେଖିକି ରଖନ୍ତୁ— ଯେପରି ସେମାନେ ଲୋକଙ୍କ ଜନ୍ତରମନ୍ତରର ମାନ୍ୟତା ହଟାଉଛନ୍ତି, ସେହିପରି ଖୁବ୍‌ଶୀଘ୍ର ଭାରତରୁ ଗଣତନ୍ତ୍ରର ମାନ୍ୟତା ମଧ୍ୟ ହଟାଇଦେବେ। ଏହି

### ଦିଲ୍ଲୀ ପୁଲିସକୁ ୨୪ ଘଣ୍ଟିଆ ଅଲ୍ଟିମେଟମ୍ ଦେଲା ସିଜେପି: ଜନ୍ତର ମନ୍ତରରେ ପ୍ରତିବାଦ ତାରିଖ ଏବଂ ସମୟ ସ୍ଥିର କରିବା ପାଇଁ ଆବେଦନ

ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଜାତୀୟ ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରାଙ୍କା ସେମାନଙ୍କ ସମର୍ଥକମାନଙ୍କ ସହିତ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପହଞ୍ଚିଛନ୍ତି। ସେମାନେ ଜନ୍ତର ମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ତାରିଖ ଦାବି କରିଛନ୍ତି ଏବଂ ଦିଲ୍ଲୀ ପୁଲିସକୁ ପ୍ରତିକ୍ରିୟା ଦେବା ପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସୌରଭ ଦାସ କହିଛନ୍ତି, ପ୍ରତିବାଦର ତାରିଖ ଏବଂ ସମୟ ସ୍ଥିର କରିବାର ନିଷ୍ପତ୍ତି ପୁଲିସ ଉପରେ ଆମେ ଛାଡି ଦେଇଛୁ। ପୁଲିସ ସମସ୍ତଙ୍କୁ ୧୦ ଦିନ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ କହୁଛି। ଏବେ ଆମେ କହୁଛୁ ଯେ, ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ତାରିଖ ଏବଂ ସମୟ ସ୍ଥିର କରିବା ସେମାନଙ୍କର ନିଷ୍ପତ୍ତି। ଆମେ ସେମାନଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଉଛୁ। ଆଶୁତୋଷ ରାଙ୍କା କହିଛନ୍ତି, ଦିଲ୍ଲୀ ପୁଲିସକୁ ପ୍ରତିବାଦ ପାଇଁ ତାରିଖ ମାଗିଛୁ। ଆଶା ପ୍ରକାଶ କରୁଛି ଯେ, କର୍ତ୍ତୃପକ୍ଷ ଉତ୍ତର ଦେବେ।ସୌରଭ ଦାସ କହିଛନ୍ତି, ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ ? ଦିଲ୍ଲୀ ପୁଲିସ ଆମ ସହିତ କଥା ହେବା ଉଚିତ। ପୁଲିସ ଯେଉଁଭଳି ଭାବରେ ସମଗ୍ର ସହରକୁ ଅବରୋଧ କରୁଛି ତାହା ଲୋକଙ୍କ ପାଇଁ ବହୁତ ଅସୁବିଧାର କାରଣ ପାଲଟୁଛି। ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଦୋକାନ ବନ୍ଦ ହେଉଛି, ଏବଂ ବର୍ତ୍ତମାନ ଉତ୍ସବ ଋତୁ।ତେଣୁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ ? ଶାନ୍ତିପୂର୍ଣ୍ଣ ପ୍ରତିବାଦ ସାମ୍ବିଧାନିକ ଅଧିକାର। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ। ପୁଲିସ ସବୁବେଳେ ଅଭିଯୋଗ କରୁଛି ଯେ, ଆମେ ସେମାନଙ୍କ ସହିତ ୧୦ ଦିନ ପୂର୍ବରୁ ଯୋଗାଯୋଗ କରିବା ଉଚିତ୍। ଏବେ ଆମେ ସେହି ନିଷ୍ପତ୍ତି ସେମାନଙ୍କ ଉପରେ ଛାଡି ଦେଉଛୁ ଏବଂ ସେମାନଙ୍କୁ ଏକ ତାରିଖ ଏବଂ ସମୟ ଦେବାକୁ କହୁଛୁ।

ପଦକ୍ଷେପ ସେହି ଦିଗରେ ଏକ ଆରମ୍ଭ। ଆମେ ଏହି ମନମୁଖୀ ନିଷ୍ପତ୍ତିକୁ ଗ୍ରହଣ କରୁନାହୁଁ। ଏହା ବିକ୍ଷୋଭ ପ୍ରଦର୍ଶନ କରିବା ଓ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେବାର ଲୋକଙ୍କ ମୌଳିକ ଅଧିକାର ଉପରେ ଆକ୍ରମଣ। ଏବେ ସାରା ଦେଶ ଜନ୍ତରମନ୍ତର ହେବ ! ଦିଲ୍ଲୀ ପୁଲିସ ଅନୁସାରେ, ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା ପାଇଁ ତିନୋଟି ନୂଆ ସ୍ଥାନ ନିର୍ଦ୍ଧାରଣ କରାଯାଇଛି । ସେଗୁଡ଼ିକ ହେଲା: ରାମଲୀଳା ମୈଦାନ,ବୁରାଡ଼ି ମୈଦାନ,ପୂର୍ବ ଦିଲ୍ଲୀର ସିବିଡି ମୈଦାନ।

# ପୁରୀର କାୟାକଳ୍ପ ପାଇଁ ମାଷ୍ଟରପ୍ଲାନ୍

## ବିମାନବନ୍ଦର, ମନ୍ଦିର, ବେଳାଭୂମି ଓ ରାସ୍ତା ଉନ୍ନତିକୁ ଗୁରୁତ୍ୱ

ପୁରୀ,୧୨/ ୧୦(ପ୍ରବାହ ନ୍ୟୁଜ); ଲୋକସେବା ଭବନଠାରେ ଆଜି (ସୋମବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟରର ସ୍ଥାପନ କାର୍ଯ୍ୟ, ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି



ନିଆଯାଇଛି।ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ।ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍‌ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଆମେରିକା ଅର୍ଥଶାସ୍ତ୍ରୀ ରବର୍ଟ ଇ ହାଲ ଓ ମାଇକେଲ ଉଡଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ

ଓସ୍‌ଲୋ,୧୨/ ୧୦(ପ୍ରବାହ ନ୍ୟୁଜ); ୨୦୨୬ ମସିହା ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ପ୍ରଦାନ କରାଯିବ। ଅର୍ଥନୀତିକୁ ସ୍ଥିର ରଖିବା ଓ ଆର୍ଥିକ ଉତ୍‌ଥାନ-ପତନର ପ୍ରଭାବ ହ୍ରାସ କରିବାରେ ସହାୟକ ହେଉଥିବା ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନ ମିଳିଛି। ସୋମବାର ସ୍ୱିଡେନ୍‌ର ଷ୍ଟକ୍‌ହୋମଠାରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସ୍ସେ ପକ୍ଷରୁ ଏହି ଘୋଷଣା କରାଯାଇଛି।ଉଭୟ ଅର୍ଥନୀତିଜ୍ଞଙ୍କ ଗବେଷଣା ଅଣୁ ଅର୍ଥନୀତିର ମୌଳିକ ତତ୍ତ୍ୱକୁ ବ୍ୟାପକ ଅର୍ଥନୀତିର ସ୍ଥିରତା ସହ ଯୋଡ଼ିଛି। ଏହାଦ୍ୱାରା ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଆହ୍ୱାନର ମୁକାବିଲା ଅଧିକ ଦକ୍ଷତାର ସହ କରିପାରିବେ। ସମୟୋଚିତ ମୁଦ୍ରାନୀତି ଓ ରାଜସ୍ୱନୀତି ମାଧ୍ୟମରେ ଅର୍ଥନୀତିର ଅସ୍ଥିରତା ହ୍ରାସ କରିବାରେ ସେମାନଙ୍କ ଗବେଷଣା ବିଶେଷ ସହାୟକ ହୋଇଛି।ରବର୍ଟ ଇ. ହଲ୍ ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନ୍?ଫୋର୍ଡ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବାବେଳେ ମାଇକେଲ୍ ଉଡ୍‌ଫୋର୍ଡ ନ୍ୟୁୟର୍କସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ। ଏହି ପୁରସ୍କାରର ଆନୁଷ୍ଠାନିକ ନାମ



'ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ସ୍ମୃତିରେ ଅର୍ଥନୀତି ବିଜ୍ଞାନରେ ସ୍ୱେରିଜେସ୍ ରିକ୍ସବ୍ୟାଙ୍କ ପୁରସ୍କାର'। ୧୯୬୮ ମସିହାରେ ସ୍ୱିଡେନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ଏହାର ପ୍ରଚଳନ କରିଥିଲା। ଚଳିତ ବର୍ଷ ଏହି ପୁରସ୍କାରର ଅର୍ଥରାଶି ୧ କୋଟି ୨୦ ଲକ୍ଷ ସ୍ୱିଡିସ୍ କ୍ରୋନା, ଯାହା ଉଭୟ ବିଜେତାଙ୍କ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯିବ।

## ସିଜେଆଇ ସୂର୍ଯ୍ୟକାନ୍ତ ଇସ୍ତଫା ଦିଅ, ଆମେ ବିକଳ୍ପ ଖୋଜିଦେବୁ : କଂଗ୍ରେସ

ନୂଆଦିଲ୍ଲୀ: କଂଗ୍ରେସ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଇସ୍ତଫା ଦାବି କରିଛି। ଯଦି ଆଇନ କାନୁନ ବ୍ୟବସ୍ଥା ସମ୍ଭାଳିବା ତାଙ୍କ ଦାୟିତ୍ୱ ନୁହେଁ, ତେବେ ସେ ଇସ୍ତଫା ଦେଇଦିଅନ୍ତୁ ବୋଲି କେରଳ କଂଗ୍ରେସ ଦାବି କରିଛି। ତାଙ୍କ ସ୍ଥାନରେ ଆଉ ଜଣେ ବ୍ୟକ୍ତିଙ୍କୁ ଖୋଜା ଯିବ ଯିଏ କି ଆଇନ କାନୁନ ସମ୍ଭାଳି ପାରିବ ବୋଲି କହିଛି। ସୂଚନାଯୋଗ୍ୟ, ସିଜେଆଇ ନିକଟରେ କହିଥିଲେ ଯେ, ଦିଲ୍ଲୀରେ ବର୍ତ୍ତମାନର ବିରୋଧ ପ୍ରଦର୍ଶନ ଯୋଗୁ ଦେଖାଯାଇଥିବା ସ୍ଥିତି ତାଙ୍କ ଅଧିକାର କ୍ଷେତ୍ରରେ ଆସୁନାହିଁ। ଏହା ଆଇନ କାନୁନ ପ୍ରସଙ୍ଗ। ନ୍ୟୁଜ ଏଜେନ୍ସି ପିଟିଆଇ ଏହି ଖବରକୁ ନେଇ ଏକ ପୋଷ୍ଟ କରିଥିଲା।ସେହି ପୋଷ୍ଟକୁ ସେୟାର କରି କେରଳ କଂଗ୍ରେସ ସିଜେଆଇଙ୍କ ଇସ୍ତଫା ଦାବି କରିଛି।କେନ୍ଦ୍ର ମନ୍ତ୍ରୀ କିରେନ୍



ରିଜିଜୁ କେରଳ କଂଗ୍ରେସର ସାମାଜିକ ଗଣମାଧ୍ୟମ ପୋଷ୍ଟର କଡ଼ା ଜବାବ ଦେଇଛନ୍ତି। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ପାର୍ଟିର ଆଗାମୀ ଟାର୍ଗେଟ ନ୍ୟାୟପାଳିକା। ରିଜିଜୁ ସାମାଜିକ ଗଣମାଧ୍ୟମରେ କେରଳ କଂଗ୍ରେସର ପୋଷ୍ଟ ଉପରେ କହିଛନ୍ତି, କଂଗ୍ରେସ ଭାରତର ସମସ୍ତ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ସଂସ୍ଥାକୁ ଶେଷ କରିବାକୁ ଚାହୁଁଛି। ସେ ଆହୁରି ଲେଖିଛନ୍ତି, ସମସ୍ତ ଭାରତ ବିରୋଧୀ ତତ୍ତ୍ୱ ପରସ୍ପର ସହିତ ହାତ ମିଳାଇଛନ୍ତି। ସେମାନଙ୍କ ମୁକାବିଲା କରିବାକୁ ସମସ୍ତ ଦେଶଭକ୍ତ ଭାରତୀୟ ଏକଜୁଟ ହୋଇ ସାମ୍‌ନାକୁ ଆସିବେ।

### ସୁପ୍ରିମ୍‌କୋର୍ଟକୁ ରାଜନୀତି ଭିତରକୁ ଟାଣନ୍ତୁ ନାହିଁ: ସିଜେଆଇ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟକୁ ରାଜନୈତିକ ଲଢ଼େଇର ମଞ୍ଚ ହେବାକୁ ଦିଆଯିବ ନାହିଁ। ଅଦାଲତ ସମସ୍ତଙ୍କ ପାଇଁ ଖୋଲା ଏବଂ ପ୍ରତ୍ୟେକ ନାଗରିକଙ୍କର ନ୍ୟାୟ ପାଇଁ ଏହାର ଦ୍ୱାରସ୍ଥ ହେବାର ଅଧିକାର ରହିଛି। କିନ୍ତୁ ଅଦାଲତକୁ ରାଜନୀତି ଭିତରକୁ ଟାଣିବା ଉଚିତ ନୁହେଁ ବୋଲି ସୋମବାର ସ୍ପଷ୍ଟ କରିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗ ନେଇ ଆଲୋଚନା କରିବାକୁ ଇଣ୍ଡି ମେଣ୍ଟର ନେତାମାନେ ସିଜେଆଇଙ୍କୁ ଭେଟିବାକୁ ଅନୁମତି ମାଗିଥିଲେ। ରବିବାର ତାଙ୍କୁ ଏକ ଚିଠି ମିଳିଥିବା ଏବଂ ସେହି ରାତିରେ ଅନୁରୋଧର ଉତ୍ତର ଦେଇଥିବା ସେ କହିଛନ୍ତି। ସିଜେଆଇ କହିଛନ୍ତି, ସାଧାରଣ ନାଗରିକ ହୁଅନ୍ତୁ କିମ୍ବା ନିର୍ବାଚିତ ସଂସ୍ଥାର ସଦସ୍ୟ, ସମସ୍ତେ ଅଦାଲତରେ ଆବେଦନ କରିପାରିବେ। ଆଇନ ଅନୁଯାୟୀ ଅଭିଯୋଗର ବିଚାର କରାଯିବ। ତେବେ ପ୍ରତିବାଦ ପାଇଁ ନିର୍ଦ୍ଧାରିତ ସ୍ଥାନ ରହିଛି ଏବଂ ସେଠାରେ ଆଇନ ଅନୁଯାୟୀ ଆନ୍ଦୋଳନ କରାଯିବା ଉଚିତ। ଏପଟେ, ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ବାର ଆସୋସିଏସନର ସଭାପତି ତଥା ବରିଷ୍ଠ ଓକିଲ ପ୍ରଦୀପ ରାୟ ପ୍ରତିବାଦ ବେଳେ ଓକିଲଙ୍କୁ ଅଟକ ରଖିବା ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ସମ୍ପର୍କିତ ଆବେଦନର ଶୁଣାଣି ପାଇଁ ଅନୁରୋଧ କରିଥିଲେ।

## ଭୋଟର ତାଲିକାରେ ତ୍ରୁଟି ହଟାଇବାକୁ ଏସ୍ଆଇଆର ଜରୁରୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨/ ୧୦(ପ୍ରବାହ ନ୍ୟୁଜ); ଭୋଟର ତାଲିକାକୁ ତ୍ରୁଟିମୁକ୍ତ ଓ ସଠିକ୍ କରିବା ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (SIR) ଏକ ଆବଶ୍ୟକ ତଥା ଗଠନମୂଳକ ପଦକ୍ଷେପ। ଏହା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଭରସାକୁ ଆହୁରି ମଜବୁତ କରିବ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀରେ SIRକୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଢରେ ନିଜର ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ତାଙ୍କ ମତରେ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସଠିକ୍ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ। ଏଥିସହ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର ସୁରକ୍ଷିତ ରହିବା ମଧ୍ୟ ଆବଶ୍ୟକ।ଭୋଟର ତାଲିକାରୁ ହଟିବ ନକଲି ଓ ମୃତ ଭୋଟରଙ୍କ ନାଁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୋଟର ତାଲିକାରେ ଏକାଧିକ ଥର ନାଁ ରହିବା, ମୃତ ବ୍ୟକ୍ତିଙ୍କ ନାଁ ହଟିନଥିବା ଏବଂ ପୁରୁଣା ଠିକଣା ଭଳି ତ୍ରୁଟି ତାଲିକାର ସଠିକତାକୁ ପ୍ରଭାବିତ କରିପାରେ।SIR




ମାଧ୍ୟମରେ ଏଭଳି ଅସଙ୍ଗତି ଚିହ୍ନଟ କରିବା, ନକଲି ବା ଦୋହରା ଏଣ୍ଟ୍ରି ହଟାଇବା, ମୃତ ବ୍ୟକ୍ତିଙ୍କ ରେକର୍ଡ ଅପଡେଟ୍ କରିବା ଏବଂ ଠିକଣା ପରିବର୍ତ୍ତନ ଭଳି ତଥ୍ୟ ସଂଶୋଧନ କରିବା ସମ୍ଭବ ହୋଇଥାଏ। ଏହାସହ ସମସ୍ତ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରେ ରହିବା ନିଶ୍ଚିତ କରିବା ମଧ୍ୟ ଏହି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। SIRକୁ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟାରେ କୌଣସି ଯୋଗ୍ୟ ଭୋଟରଙ୍କ ନାଁ ଭୁଲ୍ ରେ ବାଦ୍ ପଡ଼ିବା ଉଚିତ ନୁହେଁ। ତାଙ୍କ ମତରେ, ନିର୍ବାଚନରେ ସମାନ ପ୍ରତିନିଧିତ୍ୱ, ନିରପେକ୍ଷତା ଓ ପ୍ରତ୍ୟେକ ଭୋଟର ମୂଲ୍ୟର ସୁରକ୍ଷା ପାଇଁ ଭୋଟର ତାଲିକାରେ ସଠିକ୍ ତଥ୍ୟ ରହିବା ଜରୁରୀ। ତେଣୁ ସମଗ୍ର ପ୍ରକ୍ରିୟାକୁ ନିରପେକ୍ଷତା, ସତର୍କତା ଓ ଉପଯୁକ୍ତ ଯାଞ୍ଚ ସହ କାର୍ଯ୍ୟକାରୀ କରିବା ଆବଶ୍ୟକ। ଦିଲ୍ଲୀରେ ବିରୋଧୀଙ୍କ ପ୍ରତିବାଦ, ଝଓଜକୁ ନେଇ ରାଜନୀତି ସରଗରମ ଅନ୍ୟପଟେ, ଝଓଜକୁ ନେଇ ଦିଲ୍ଲୀରେ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମାଝୀ ଭୋଟର ତାଲିକାର ଶୁଦ୍ଧତା ଓ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାର, ଉଭୟର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି। ସଠିକ୍ ଭୋଟର ତାଲିକା କେବଳ ଏକ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ଼ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ତେବେ ଝଓଜର ସଫଳତା ପାଇଁ ତ୍ରୁଟି ସଂଶୋଧନ ସହ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ଅଧିକାରର ସୁରକ୍ଷା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ।



For News , Advertisement & Circulation
Contact: 9938340066
Email id: prabaha2008@gmail.com
prabaha.daily@gmail.com

ପ୍ରବାହ PRABAHA
13 October, ୨୦୨୬



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ**
**ତୟୋସ୍ତୁକର୍ମସନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ**
**ଜ୍ଞେୟଃ ସ ମିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି**
**ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।

# ଭାରତ ପାଇଁ ଚିନ୍ତାର ବିଷୟ

ହିମାଳୟରେ ପୁଣି ପ୍ରକୃତିର ତାଣ୍ଡବ। ହଠାତ୍ ପାହାଡ଼ରୁ ମାଡ଼ି ଆସୁଛି ପାଣି, କାଦୁଅ ଓ ବିରାଟ ବିରାଟ ପଥର ମିଶ୍ରିତ ଧ୍ୱଂସାବଶେଷ। ଆଖି ପିଛୁଳାକେ ନଦୀର ରୂପ ବଦଳିଯାଉଛି। ଘରଦ୍ୱାର, ରାସ୍ତା ଓ ପୋଲ ଉପରେ ଘୋଟି ଆସୁଛି ବିପଦ। ନେପାଳରେ ପୁଣି ଘଟିଥିବା ଆକସ୍ମିକ ବନ୍ୟା ବା 'ଫ୍ଲାସ୍ ଫ୍ଲଡ୍' ହିମାଳୟରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ଅକ୍ଟୋବର ୧୧ ତାରିଖରେ ନେପାଳର ଗୋରଖା ଜିଲ୍ଲାର ବୁଢ଼ୀ ଗଣ୍ଡକୀ ନଦୀ କୂଳବର୍ତ୍ତୀ ଅଞ୍ଚଳରେ ହଠାତ୍ ବନ୍ୟା ଆସିଥିଲା। ପ୍ରାଥମିକ ରିପୋର୍ଟ ଅନୁସାରେ, ସିଉରିବାସ ଉପରେ ପାହାଡ଼ର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ଚୁମକେ ଖୋଲା ଜଳଧାରାର ରାସ୍ତା ଅବରୋଧ ହୋଇଥିଲା। ଚେକାମପାର ନିକଟରେ ସୃଷ୍ଟି ହୋଇଥିବା ଏହି ପ୍ରାକୃତିକ ପ୍ରତିବନ୍ଧକ ପରେ ଭାଙ୍ଗିଯିବାରୁ ଜମା ହୋଇଥିବା ପାଣି ହଠାତ୍ ତୀବ୍ର ବେଗରେ ତଳକୁ ମାଡ଼ି ଆସିଥିବା ଆଶଙ୍କା କରାଯାଉଛି। ତେବେ ବନ୍ୟାର ପ୍ରକୃତ କାରଣ ସମ୍ପର୍କରେ ଏଯାଏଁ ନିଶ୍ଚିତ ନିଷ୍କର୍ଷ ବାହାରିନାହିଁ। ହିମହ୍ରଦ ଫାଟିବା, ବରଫ ଓ ପଥର ଧସିବା କିମ୍ବା ପାହାଡ଼ରେ ଜମା ହୋଇଥିବା ପାଣି ହଠାତ୍ ବାହାରି ଆସିବା ଭଳି ପ୍ରକ୍ରିୟା ଏଥିପାଇଁ ଦାୟୀ ହୋଇଥାଇପାରେ ବୋଲି ବିଶେଷଜ୍ଞମାନେ ପ୍ରାଥମିକ ଆକଳନ କରିଛନ୍ତି। ଦେହରାଦୁନସ୍ଥିତ ୱାଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟନ୍ ଜିଓଲୋଜିର ହିମବାହ ବିଶେଷଜ୍ଞ ମନୀଷ ମେହେଟାଙ୍କ ମତରେ, ଉପଲବ୍ଧ ଫଟୋ ଓ ରିପୋର୍ଟ ଆଧାରରେ ଏହି ଘଟଣା ହିମବାହ ହ୍ରଦ ଫାଟିବା କିମ୍ବା ବରଫ ଓ ପଥର ଧସିବା ଭଳି ପ୍ରକ୍ରିୟା ସହ ମେଳ ଖାଉଛି। କିନ୍ତୁ ଏହା ହିଁ ବନ୍ୟାର ପ୍ରକୃତ କାରଣ ବୋଲି ଏବେଠାରୁ କହିହେବ ନାହିଁ। ହିମାଳୟର ଉଚ୍ଚ ଅଞ୍ଚଳରେ ବରଫ, ମାଟି, ପଥର ଓ ଭଙ୍ଗା ଶିଳାଖଣ୍ଡ ବହୁ ପରିମାଣରେ ଜମା ହୋଇ ରହିଥାଏ। ହିମବାହ ଗତି କରିବା ସମୟରେ ମାଟି ଓ ପଥରକୁ ନିଜ ସହ ଟାଣି ନେଇ ବିଭିନ୍ନ ସ୍ଥାନରେ ଜମା କରିଥାଏ। ପାଣିପାଗର ପ୍ରଭାବ ଓ ଭୂକ୍ଷୟ ଯୋଗୁଁ ପାହାଡ଼ର ଚଟାଣ ମଧ୍ୟ ଧୀରେ ଧୀରେ ଦୁର୍ବଳ ହୋଇଥାଏ। ଏହି ସବୁ କାରଣରୁ ପାହାଡ଼ରେ ଜମା ହୋଇଥିବା ମାଟି ଓ ପଥର ହଠାତ୍ ତଳକୁ ଖସିପାରେ। ଏହା ସହ ପାଣି ମିଶିଗଲେ ସୃଷ୍ଟି ହୁଏ ଏକ ଶକ୍ତିଶାଳୀ କାଦୁଅ ଓ ପଥରର ପ୍ରବାହ, ଯାହାକୁ ଅନେକ ସମୟରେ ଡେବ୍ରିସ୍ ଫ୍ଲୋ କୁହାଯାଏ। ଏଭଳି ପ୍ରବାହ ଘର, ପୋଲ, ରାସ୍ତା ଓ ନଦୀ ଉପରେ ନିର୍ମିତ ଅନ୍ୟାନ୍ୟ ଭିତ୍ତିଭୂମିକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ବର୍ତ୍ତମାନର ଘଟଣାସ୍ଥଳରେ ଉପତ୍ୟକା ଅପେକ୍ଷାକୃତ ଚଉଡ଼ା ଥିବାରୁ ପାଣି ବିସ୍ତାର ହେବାର ଢାଞ୍ଚା ଭିନ୍ନ ହୋଇଥାଇପାରେ। ତଥାପି, ଉଭୟ ଘଟଣାର ତୁଳନା କେବଳ ପ୍ରାରମ୍ଭିକ ଆକଳନ ଆଧାରରେ କରାଯାଉଛି। ପ୍ରତ୍ୟେକ ବନ୍ୟାର କାରଣ, ପ୍ରଭାବ ଓ କ୍ଷୟକ୍ଷତି ଅଲଗା ହୋଇପାରେ। ନେପାଳରେ ଦେଖାଦେଇଥିବା ଏହି ବିପଦ ଭାରତ ପାଇଁ ମଧ୍ୟ ଏକ ସତର୍କ ଘଣ୍ଟି। କାରଣ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଲଦାଖ, ସିକ୍କିମ୍ ଓ ଅରୁଣାଚଳ ପ୍ରଦେଶ ଭଳି ହିମାଳୟ ଅଞ୍ଚଳରେ ମଧ୍ୟ ଏଭଳି ପ୍ରାକୃତିକ ବିପଦର ଆଶଙ୍କା ରହିଛି। ଭାରତର ଅତୀତରେ ଘଟିଥିବା ଦୁଇଟି ବଡ଼ ବିପର୍ଯ୍ୟୟ ଏହି ବିପଦର ଭୟାବହତାକୁ ସ୍ପଷ୍ଟ କରେ।

**ସମ୍ପାଦକ ମଣ୍ଡଳି**
ପରିଚାଳନା ସମ୍ପାଦକ
**ସିଦ୍ଧାର୍ଥ ସ୍ୱରୂପ ଦାଶ**
ମୁଖ୍ୟ ସମ୍ପାଦକ
**ରଞ୍ଜିତ କୁମାର ଆଚାର୍ଯ୍ୟ**
କାର୍ଯ୍ୟନିର୍ବାହୀ ସମ୍ପାଦକ
**ପ୍ରକାଶ ଶତପଥୀ**

# ଆମେରିକାର ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନ ଓ ଟ୍ରମ୍ପଙ୍କ ଚିନ୍ତା



**ଡା. ରାଜକିଶୋର ପଣ୍ଡା**

ୱାଶିଂଟନର ବୈଦେଶିକ ନୀତି ବର୍ତ୍ତମାନ ସମୟରେ ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ଏକ ବିଚିତ୍ର ରିଏଲିଟି ସୋ ଭଳି ମନେହୁଏ, ଯେଉଁଭଳି ସୋ ଗୁଡ଼ିକୁ ତାଙ୍କର ଟି.ଭି. ଦିନ ମାନଙ୍କରେ ପରିଚାଳନା କରୁଥିଲେ ରାଷ୍ଟ୍ରପତି ଟ୍ରମ୍ପ। ଏହି ନୀତି ଭାରତକୁ ବାଧ୍ୟ କରୁଛି, ଯୁକ୍ତରାଷ୍ଟ୍ରଠାରୁ ବିଲିଅନ୍ ବିଲିଅନ୍ ମୂଲ୍ୟର ଦ୍ରବ୍ୟ ଓ ସେବା କିଣିବା ସହିତ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ନତମସ୍ତକ ହେବା ପାଇଁ।

ଆମେରିକା ବର୍ତ୍ତମାନ ଆଗେଇ ଚାଲିଛି ଏକ ନିର୍ଣ୍ଣାୟକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଯାହାକି ଅନୁଷ୍ଠିତ ହେବ ନଭେମ୍ବର ତିନି, ୨୦୨୬ ରେ ଓ ଯେଉଁ ଗୁରୁତର ସମସ୍ୟା ଗୁଡ଼ିକ ସମ୍ପ୍ରତି ଭାରତ – ଆମେରିକା ସମ୍ବନ୍ଧକୁ ପ୍ରଭାବିତ କରୁଛନ୍ତି, ସେଗୁଡ଼ିକ ହେଲେ ବାଣିଜ୍ୟ, ଶୁଳ୍କର ଦର ଓ ଇମିଗ୍ରେସନ୍ ବା ପ୍ରବାସୀ ସମସ୍ୟା। ଏହି ନିର୍ବାଚନ ଯାହା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଠିକ୍ ଅଧା ସମୟର ପୂର୍ତ୍ତି ବେଳକୁ ଅନୁଷ୍ଠିତ ହେଉଅଛି, ଏକଶହ କୋଡ଼ିଏ ତମ ଆମେରିକୀୟ କଂଗ୍ରେସର ଗଠନ ଓ ରୂପରେଖ ନିର୍ଣ୍ଣୟ କରିବ। ଏଥିରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଚାରିଶହ ପଇଁତିରିଶଟି ଆସନ ଓ ସିନେଟ୍‌ର ପଇଁତିରିଶଟି ଆସନ ପାଇଁ ମତ ଦାନ କରାଯିବ।

ଯଦି ନିର୍ବାଚନରେ ଶାସକ ରିପବ୍ଲିକାନ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ବାକି ରହିଥିବା କାର୍ଯ୍ୟ ଅବଧିକୁ ଟ୍ରମ୍ପ ନିଜ ଇଚ୍ଛାନୁସାରେ ପରିଚାଳନା କରି ପାରିବେ ଓ ଏଥିରେ ତାଙ୍କୁ ବିଶେଷ ସହାୟକ ହେବେ ଗୃହର ବାଚସ୍ପତି ମାଇକ୍ ଜନସନ୍। ଏହାର କାରଣ ଗୃହର ନିୟମାବଳୀ ଅପେକ୍ଷା ନିଜକୁ ଟ୍ରମ୍ପଙ୍କ ଅନୁଚର ଭାବରେ ପ୍ରତିପାଦିତ କରିବା ପାଇଁ ଜନସନ୍‌ଙ୍କ ପ୍ରଚେଷ୍ଟା ଅଧିକ ରହୁଛି। କିନ୍ତୁ ଯଦି ନିର୍ବାଚନରେ ଡେମୋକ୍ରାଟ୍‌ମାନେ ବିଜୟ ଲାଭ କରନ୍ତି ତେବେ କଂଗ୍ରେସ ନେତୃତ୍ୱର ଚାବିକାଠି ସେମାନଙ୍କ ହାତକୁ ଯିବ ଓ ଯେକୌଣସି ସରକାରୀ ନିଷ୍ପତ୍ତି ଏବଂ ଆଲୋଚନାରେ ଚେକ୍ ବାଲାନ୍ସ ପରିସ୍ଥିତି ସୃଷ୍ଟି ହେବା ସାଙ୍ଗକୁ ଟ୍ରମ୍ପଙ୍କ "ଏକଛତ୍ରବାଦ" ମଧ୍ୟ ବାଧାପ୍ରାପ୍ତ ହେବ।

ତେବେ ଏହି ଭିତରେ ଆମେରିକାର ସୁପ୍ରିମକୋର୍ଟ ଓ ଜିଲ୍ଲା କୋର୍ଟ ସମୂହ ଟ୍ରମ୍ପଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇ ଚାଲିଛନ୍ତି। ଡାକ ଯୋଗେ ମତଦାନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଟ୍ରମ୍ପଙ୍କର ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଯୁକ୍ତରାଷ୍ଟ୍ରର ସମଗ୍ର ମତଦାନର ପାଖାପାଖି ତିରିଶ ପ୍ରତିଶତ ଡାକ ଯୋଗେ ସମ୍ପନ୍ନ ହୋଇଥାଏ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ବନ୍ଦ କରିବା ପାଇଁ ଇଚ୍ଛୁକ କାରଣ ତାଙ୍କ ଅନୁଯାୟୀ ବେଆଇନ ପ୍ରବାସୀ ଗୋଷ୍ଠୀ ଯେଉଁମାନଙ୍କର କୌଣସି ବୈଧ ପରିଚୟ ପତ୍ର (Valid Identity proof) ନ ଥାଏ, ସାମୂହିକ ଭାବରେ ଡାକ ମାଧ୍ୟମରେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥାନ୍ତି। ଟ୍ରମ୍ପଙ୍କର ଲୋକପ୍ରିୟତା ବା ଆପ୍ରୁଭାଲ୍ ରେଟିଙ୍ଗ୍ କ୍ରମାଗତ ଭାବରେ ହ୍ରାସ ପାଉଛି। ରିପବ୍ଲିକାନ୍ ପ୍ରାର୍ଥୀମାନେ ମଧ୍ୟ ଚାହୁଁ ନାହାନ୍ତି କି ସେ, ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ପ୍ରଚାର କରନ୍ତୁ।

ଇରାନ ଯୁଦ୍ଧ ଯୋଗୁଁ ଯୁକ୍ତରାଷ୍ଟ୍ରରେ ମୁଦ୍ରାସ୍ଫୀତି ବଢ଼ିବା ସହିତ ଗ୍ୟାସୋଲିନ ଓ ଡିଜେଲର ଦର ମଧ୍ୟ ବଢ଼ିବାରେ ଲାଗିଛି। ଗୋଟିଏ କାର ବହୁଳ ଦେଶ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପଶ୍ଚିମ ରାଷ୍ଟ୍ର ମାନଙ୍କ ମଧ୍ୟରେ ଆମେରିକାର ହିଁ ସବୁଠାରୁ ଦୁର୍ବଳ ରେଳ ଭିତ୍ତିଭୂମି ଅଛି, ଯାହା ବ୍ୟାପକ ଭାବରେ ଡିଜେଲ ଉପରେ ହିଁ ନିର୍ଭରଶୀଳ। ଏହାର ବିପରୀତରେ ଭାରତର ଅନେଶତ ପ୍ରତିଶତ ରେଳ ନେଟ୍‌ୱାର୍କ ବିଦ୍ୟୁତ୍ ଚାଳିତ ଅଟେ।

ଆମେରିକା ଭେନେଜୁଏଲାରେ କରିଥିବା କାର୍ଯ୍ୟକଳାପକୁ ଆମେ ନିଓକଲୋନିଆଲିଜିମ୍ (Neocolonialism) ବୋଲି କହିପାରିବା। ଏଥିରେ ଗୋଟିଏ ଶକ୍ତିଶାଳୀ ଦେଶ ଅନ୍ୟ ଗୋଟିଏ ଦୁର୍ବଳ ଦେଶକୁ ସିଧାସଳଖ ଦଖଲ ନ କରି, ଦୁର୍ବଳ ଦେଶଟିର ଅର୍ଥନୀତି, ଖଣିଜ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଉପରେ ଅପ୍ରତ୍ୟକ୍ଷ ଭାବରେ ନିଜର ପତିଆରା ଜାହିର କରିଥାଏ।

ଇରାନ ଉପରେ ମଧ୍ୟ ଏହି ଉପାୟଟି ଆମେରିକା ଓ ବ୍ରିଟେନ୍ ପ୍ରୟୋଗ କରିଥିଲେ ତେସ୍ତରୀ ବର୍ଷ ତଳେ। ୧୯୫୩ ରେ ଏକ ସାମରିକ ବିଦ୍ରୋହ ଜରିଆରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଇରାନର ରାଷ୍ଟ୍ରପତି "ମହମ୍ମଦ ମୋସାଦେଘ"ଙ୍କୁ ଆମେରିକା ଓ ବ୍ରିଟେନ୍ ଗାଦିରୁ ବିତାଡ଼ିତ କରିଥିଲେ। କାରଣ ଥିଲା ଇରାନର ତୈଳ ସମ୍ପଦକୁ ଜାତୀୟକରଣ କରିବା ପାଇଁ ମୋସାଦେଘଙ୍କର ନିଷ୍ପତ୍ତି ୧୯୫୧ ମସିହାରେ। ମୋସାଦେଘଙ୍କ ପରେ ଇରାନରେ ନୂଆ ନେତା "ମହମ୍ମଦ ରେଜା ପାହାଲ୍‌ଭି" ଆମେରିକାର "ନିଓ କଲୋନିଆଲିଜିମ୍" ଚିନ୍ତାଧାରା ଅନୁଯାୟୀ ଦେଶର ତୈଳ ସମ୍ପଦଗୁଡ଼ିକୁ ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍‌ର ତୈଳ କମ୍ପାନୀ ହାତକୁ ଟେକି ଦେଇଥିଲେ।

ଏଠାରେ ଅତୀତ ପୃଷ୍ଠାକୁ ଯିବାର କାରଣ, ସେତେବେଳେ ଯଦିଓ ଆମେରିକାର ଇରାନକୁ ନିୟନ୍ତ୍ରଣ କରିବାର ଚେଷ୍ଟା ସଫଳ ହୋଇଥିଲା ବର୍ତ୍ତମାନ ସମୟରେ କିନ୍ତୁ ଟ୍ରମ୍ପଙ୍କର ନିଓ କଲୋନିଆଲିଜିମ୍‌ର ପ୍ରୟାସ ତେହେରାନ୍‌ରେ ବିଫଳ ହେବାର ସମ୍ଭାବନା ଅଧିକ। ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି। ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି। ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ। ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ୍। ଏବେ କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଷାଠିଏ ଦିନ ସମୟସୀମାକୁ କମାଇ ଗୋଟିଏ ଦିନ କରିବା ପାଇଁ ଜୋର୍ ଦିଆଯାଇଛି। ଟ୍ରମ୍ପଙ୍କର ଏହା ହେଉଛି ଏକ ମାରାତ୍ମକ ପ୍ରବାସୀ ନାଗରିକ ବିରୋଧୀ ଯୋଜନା।

ଟ୍ରମ୍ପଙ୍କର ପ୍ରବାସୀ ନୀତି (Immigration Policy) ପ୍ରକୃତ ପକ୍ଷରେ ଭବିଷ୍ୟତରେ ଆମେରିକାକୁ ହିଁ କ୍ଷତି ପହଞ୍ଚାଇବ। ଯୁକ୍ତରାଷ୍ଟ୍ରର ଶକ୍ତି ଏହାର ପ୍ରବାସୀ ନାଗରିକ। ଯୁକ୍ତରାଷ୍ଟ୍ରର ସମ୍ପଦ, ବିବିଧ ଇତିହାସ ଓ ବୈଜ୍ଞାନିକ ଗବେଷଣାରେ ସେମାନଙ୍କର ଅବଦାନ ଅତୁଳନୀୟ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ନଷ୍ଟ କରିଦେବା ପାଇଁ ବର୍ତ୍ତମାନ ଉଦ୍ୟମରତ ଅଛନ୍ତି।

ବିଶ୍ୱର ଶ୍ରେଷ୍ଠତମ ଧନୀ 'ଏଲୋନ୍ ମସ୍କ' ଜଣେ ଦକ୍ଷିଣ ଆଫ୍ରିକୀୟ ପ୍ରବାସୀ। ଅଗ୍ରଣୀ ଏ.ଆଇ. ଫାର୍ମ 'ଆନ୍‌ଥ୍ରୋପିକ୍'ର ପ୍ରତିଷ୍ଠାତା "ଡାରିଓ ଆମୋଦେଇ"ଙ୍କର ପିତା ଜଣେ ଇଟାଲୀୟ ଚମଡ଼ା ଶିଳ୍ପୀ, ଯିଏ ୧୯୭୦ ରେ ଟସ୍କାନରୁ ଆମେରିକା ଆସିଥିଲେ। ଗୁଗୁଲ୍‌ର ସହପ୍ରତିଷ୍ଠାତା ସର୍ଜିବ୍ରିନ୍ ଓ ଏନଭିଡିଆର ପ୍ରତିଷ୍ଠାତା "ଜେନ୍‌ସେନ୍ ହୁଆଙ୍ଗ" ମଧ୍ୟ ଯଥାକ୍ରମେ ଋଷିଆ ଓ ତାଇୱାନର ଜଣେ ଜଣେ ପ୍ରବାସୀ ଅଟନ୍ତି। ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଯଥାକ୍ରମେ ନୋବେଲ୍ ପୁରସ୍କାର ପାଇଥିବା ଦୁଇ ବୈଜ୍ଞାନିକ ସ୍ୱର୍ଗତଃ ହରଗୋବିନ୍ଦ ଖୁରାନା ଓ ଭେଙ୍କଟରମନ୍ ରାମକ୍ରିଷ୍ଣନ୍ ଭାରତର ମୂଳ ବାସିନ୍ଦା ଥିଲେ। କଥିତ ଅଛି ଯେ ୧୯୪୯ ମସିହାରେ ହରଗୋବିନ୍ଦ ଖୁରାନା ଦିଲ୍ଲୀରେ କୌଣସି କର୍ମନିଯୁକ୍ତି ପାଇ ନ ପାରି ଆମେରିକା ଯାଇଥିଲେ ଓ ସେଠାରେ ଗବେଷଣା କରି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ପାଇଥିଲେ।

"ନ୍ୟାସନାଲ ଫାଉଣ୍ଡେସନ୍ ଫର୍ ଆମେରିକାନ୍ ପଲିସି" ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଯୁକ୍ତରାଷ୍ଟ୍ରକୁ ପ୍ରବାସୀ ନାଗରିକଙ୍କର ଆଗମନ ହାର କମିଲେ, ଏହାର ଶ୍ରମଶକ୍ତି ମଧ୍ୟ ହ୍ରାସ ପାଇବ। ରିପୋର୍ଟ ଦର୍ଶାଇଛି ଯେ ଏହାଦ୍ୱାରା ୨୦୨୮ ସୁଦ୍ଧା ଊଣେଇଶି ମିଲିୟନ୍ ଶ୍ରମିକ ବର୍ଷ (Worker Years) ଓ ୨୦୩୫ ସୁଦ୍ଧା ଏକଶହ ଦୁଇ ମିଲିଅନ୍ ଶ୍ରମିକ ବର୍ଷର ସମ୍ଭାବ୍ୟ କ୍ଷୟ ଘଟିବ। ଶ୍ରମିକ ବର୍ଷରେ ହ୍ରାସ ଘଟିଲେ ଆମେରିକାର ଆର୍ଥିକ କ୍ଷତି ମଧ୍ୟ ଘଟିବ ଯାହାକି ହେଉଛି ୨୦୨୮ ସୁଦ୍ଧା ପାଖାପାଖି ୧.୯ ଟ୍ରିଲିଅନ୍ ଡଲାର ଓ ୨୦୩୫ ସୁଦ୍ଧା ପ୍ରାୟ ୧୨.୧ ଟ୍ରିଲିଅନ୍ ଡଲାର। ପ୍ରତି ବ୍ୟକ୍ତି ପିଛା ଏହି ଆର୍ଥିକ କ୍ଷତିର ପରିମାଣ ହେବ ୩୪,୩୬୯ ଡଲାର। ଏହାଦ୍ୱାରା ଯୁକ୍ତରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି କମିବ ଓ ଋଣଭାର ବଢ଼ିବ। ଯଦି ଟ୍ରମ୍ପଙ୍କର ପ୍ରବାସୀ ନାଗରିକ ନୀତିକୁ ଆଗାମୀ ଭବିଷ୍ୟତରେ ସମ୍ପୂର୍ଣ୍ଣ ଭାବରେ ନ ବଦଳାଯାଏ ତେବେ ଆମେରିକା ସମଗ୍ର ପୃଥିବୀର ପ୍ରତିଭାବାନ ଲୋକମାନଙ୍କର ଇପ୍ସିତ ଦେଶ ହୋଇ ଆଉ ରହିବ ନାହିଁ। ଏହାଦ୍ୱାରା ଆମେରିକା ହିଁ ଦିନେ ନା ଦିନେ ପଶ୍ଚାତାପ କରିବ। ପ୍ରବାସୀ ନାଗରିକ ମାନେ ହିଁ ଆମେରିକାକୁ ଏକ ଯୁବବର୍ଗର ଦେଶରେ ପରିଣତ କରିଛନ୍ତି ଯାହାର ହାରାହାରି ବୟସ ହେଉଛି ଅଣଚାଳିଶ ବର୍ଷ। ଏହା ତୁଳନାରେ ଜାପାନରେ ଏହା ହେଉଛି ପଚାଶ ବର୍ଷ ଓ ଜର୍ମାନୀରେ ସତଚାଳିଶ ବର୍ଷ।

ଟ୍ରମ୍ପ ସେହି ଦେଶର ମୂଳଭୂତ ଆଧାରକୁ ହିଁ ନଷ୍ଟ କରିବାରେ ଲାଗିଛନ୍ତି, ଯେଉଁଠି ତାଙ୍କ ମା' ମ୍ୟାରୀ ମ୍ୟାକ୍‌ଲିଅଡ୍ ନିଜେ ହିଁ ସ୍କଟଲ୍ୟାଣ୍ଡର ଜଣେ ପ୍ରବାସୀ। ଭାରତ ସନ୍ଦର୍ଭରେ ଦେଖିଲେ ଏହା ଅଶୋଧିତ ତୈଳ ପାଇଁ ପଶ୍ଚିମ ଏସିଆ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ। ଫେବୃୟାରୀ ଅଠେଇଶିରେ ଆମେରିକା-ଇରାନ୍-ଇସ୍ରାଏଲ୍ ଯୁଦ୍ଧ ହେତୁ ତୈଳ ଦର ପ୍ରାୟ ଦୁଇଗୁଣା ହୋଇ ଯାଇଥିଲା ଓ ଏବେ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏହା କ୍ରମାଗତ ଭାବରେ ବଢୁଛି। ଯଦି ନିର୍ବାଚନରେ ରିପବ୍ଲିକାନ ମାନେ ସଂଖ୍ୟା ଗରିଷ୍ଠତା ପାଆନ୍ତି, ତେବେ ମଧ୍ୟପ୍ରାଚ୍ୟ ସଂଗ୍ରାମ ଆହୁରି ଭୟଙ୍କର ଓ ବ୍ୟାପକ ହୋଇପାରେ ମାତ୍ର ଯଦି ଡେମୋକ୍ରାଟ୍ ମାନେ ଜିତନ୍ତି ତେବେ ସେମାନେ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଉପରୋକ୍ତ ସମସ୍ୟାର ଏକ କୂଟନୈତିକ ସମାଧାନ ଦିଗରେ ଉଦ୍ୟମ ରତ ହେବେ ବୋଲି ସମଗ୍ର ବିଶ୍ୱ ଆଶା କରୁଛି। ଯୁକ୍ତରାଷ୍ଟ୍ରର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମ୍ପର୍କରେ ଏକ ଐତିହାସିକ ତଥ୍ୟ ହେଉଛି, ଯେ ଏଥିରେ ସର୍ବଦା କ୍ଷମତାସୀନ ରାଷ୍ଟ୍ରପତିଙ୍କ ଦଳ ପରାଜିତ ହୋଇଥାଏ। ସେପ୍ଟେମ୍ବର ୧୫ ରେ ନ୍ୟୁୟର୍କ ଟାଇମ୍ସ ଦ୍ୱାରା ଆୟୋଜିତ ଏକଜିଟ୍ ପୋଲ୍ ଡେମୋକ୍ରାଟ୍ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଅନୁମାନ କରିଛି। ବିଶ୍ୱ ବାଣିଜ୍ୟ ଓ ବିଶ୍ୱଶାନ୍ତି ପାଇଁ ଆଗାମୀ ଦିନରେ ଏହି ନିର୍ବାଚନ ଯେ ଅତିମାତ୍ରାରେ ମହତ୍ତ୍ୱପୂର୍ଣ୍ଣ, ତାହା ଆମେ କହିପାରିବା।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ; ୮୧୪୪୦୪୨୯୯୭

# ଲୋକତନ୍ତ୍ରରେ ଦଳୀୟ ନିର୍ବାଚନ

**ପଙ୍କଜ କୁମାର ପାଣିଗ୍ରାହୀ**

ସାଧାରଣ ଜନତାଙ୍କ ମଧ୍ୟରୁ ଜଣେ ଜ୍ଞାନୀ, ନିଃସ୍ୱାର୍ଥପର, ସମାଜ ସେବକଙ୍କୁ ସାମାଜିକ ପରିଚାଳନା ଦାୟିତ୍ୱ ଦିଆଯିବା ବ୍ୟବସ୍ଥାକୁ ଲୋକତନ୍ତ୍ର ବୋଲି କୁହାଯାଇ ପାରିବ। ସମ୍ପୃକ୍ତ ବ୍ୟକ୍ତି କୌଣସି ଦଳଗତ, ସାମ୍ପ୍ରଦାୟିକ ସଦସ୍ୟ ହୋଇନଥିବା ନିତାନ୍ତ ଆବଶ୍ୟକ। କାରଣ ଦଳୀୟ କିମ୍ବା ସାମ୍ପ୍ରଦାୟିକ ବିଚାରଧାରା ସମ୍ମତ ମଣିଷ ନିରପେକ୍ଷ ନୀତି, ବିଚାର ପ୍ରବାହ କରିବା ଅସମ୍ଭବ। ସେହିଭଳି ମଣିଷ ସବୁବେଳେ ନିଜ ଦଳ ଅଥବା ସମ୍ପ୍ରଦାୟ ପ୍ରତି ଦୁର୍ବଳତା ରଖିବା ସୁନିଶ୍ଚିତ ଯେଉଁଠି ସାମ୍ୟବାଦ ବିଚାର ସୃଷ୍ଟି ହେବା ସମ୍ଭାବନ ଆଦୌ ରହିବ ନାହିଁ। ସାମ୍ୟବାଦ ବିଚାରଧାରା ରହିତ ପରିଚାଳକଙ୍କୁ ଲୋକତନ୍ତ୍ରର ସେବକ ବୋଲି କହିବା ବାହୁଲ୍ୟ ମାତ୍ର ଯେଉଁଥିରେ କୌଣସି ସତ୍ୟତା ନଥାଏ। ଜଣେ ମଣିଷକୁ ସାଧାରଣ ଲୋକେ କେମିତି ଜାଣନ୍ତି ଯେ ତାଙ୍କୁ ନିଜର ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଦେବେ ସେନେଇ ନିର୍ବାଚନୀ ପ୍ରତିଯୋଗିତା ନୁହେଁ ବରଂ ଚୟନ କରି ଅବସ୍ଥାପିତ କରାଯିବା ପଦ୍ଧତିକୁ ଲୋକତାନ୍ତ୍ରିକ ପଦ୍ଧତି ବୋଲି କୁହାଯାଇ ପାରିବ। କିନ୍ତୁ କୌଣସି ଗୋଷ୍ଠୀ କିମ୍ବା ସମ୍ପ୍ରଦାୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ନିର୍ବାଚନ ମାଧ୍ୟମରେ ଶାସକ ପ୍ରାର୍ଥୀ ମନୋନୀତ କରାଯିବା ତଥା ସାଧାରଣ ଲୋକଙ୍କ ବହୁମତ ଯୋଗାଡ଼ କରି ନିର୍ବାଚନ ମାଧ୍ୟମରେ ଶାସନ କ୍ଷମତାଧାରୀ ମଣିଷ ନିଯୁକ୍ତ କରାଯିବା କୌଣସି ମତେ ଗୋଟିଏ ନିରପେକ୍ଷ ଶାସନ ବ୍ୟବସ୍ଥାର ନିଦର୍ଶନ ନୁହେଁ। କାରଣ ଦଳଗତ ଚେତନାକୁ ଶୀରୋଧାର୍ଯ୍ୟ କରି ଦଳର ମୁଖିଆଙ୍କ ନିର୍ଦ୍ଦେଶରେ ପରିଚାଳିତ ସମ୍ପୃକ୍ତ ଜନସେବକ ଯେ ନିରପେକ୍ଷ ଭାବ ପ୍ରବାହ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ନିର୍ବାଚନ କରି ଲୋକ ପ୍ରତିନିଧି ଚୟନ କରାଯିବା ସମୟରେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କୁ ଚୟନ କରାଯିବା ସମ୍ପୃକ୍ତ ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ ଯାହା କୌଣସି ଦଳୀୟ ପ୍ରାର୍ଥୀ କରି ପାରିବେ ନାହିଁ। ନିର୍ଦ୍ଦଳୀୟ ଅଣସାମ୍ପ୍ରଦାୟିକ ପ୍ରାର୍ଥୀ ଚୟନ କରାଯିବା ପୂର୍ବରୁ ସମ୍ପୃକ୍ତ ଲୋକଟିର ବିଚାରଧାରା ତଥା ସାମାଜିକ ଜ୍ଞାନ ଏବଂ ନିଃସ୍ୱାର୍ଥପରତା ଉପରେ ବିଶେଷ ଆଲୋକପାତ କରି ଚୟନ କରାଯିବା ନିତାନ୍ତ ଆବଶ୍ୟକ। ଉପସ୍ଥିତ ସମୟରେ ଏମିତି ମଧ୍ୟ କେତେକ ସ୍ଥାନରେ ଦେଖିବାକୁ ମିଳୁଛି ଯେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନ ଜିତିବା ପରେ କୌଣସି ଏକ ଦଳରେ ସାମିଲ ହୋଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସେହିଭଳି ଲୋକଟି ନିଶ୍ଚିତ ଭାବେ କୌଣସି ଏକ ଗୋଷ୍ଠୀ ଅନ୍ତର୍ଗତ ରହି ପରବର୍ତ୍ତୀ ସମୟରେ ସେହି ଗୋଷ୍ଠୀରୁ ବହିଷ୍କୃତ ହୋଇ ଅନ୍ୟ ଏକ ଗୋଷ୍ଠୀ ସହିତ ସଲାସୁତୁରା କରିଥାନ୍ତି। ସେହିଭଳି ନିର୍ଦ୍ଦଳୀୟ ମଣିଷଟି କୌଣସି ଦଳୀୟ ମଣିଷ ଠାରୁ ଆହୁରି ଅଧିକ କ୍ଷତିକାରକ ହୋଇଥାନ୍ତି ସମାଜ ପ୍ରତି ! କାରଣ ସମ୍ପୃକ୍ତ ଲୋକଟିର କୌଣସି ଏକ ଦୁର୍ବଳତା ହେତୁ ସମ୍ପୃକ୍ତ ଗୋଷ୍ଠୀ ଠାରୁ ବହିଷ୍କୃତ ହୋଇଥିବା ଆଶଙ୍କା ଯଥେଷ୍ଟ ଅଧିକ ! କିନ୍ତୁ ଆଉ କେତେବେଳେ ଜଣେ ସଚ୍ଚୋଟ ମଣିଷ ମଧ୍ୟ କୌଣସି କେଳେଙ୍କାରୀ ଗୋଷ୍ଠୀର ଅସାମାଜିକ ବିଚାରଧାରାରେ କ୍ଷୁବ୍ଧ ହୋଇ ଦଳ ତ୍ୟାଗ କରିଥିବା ମଧ୍ୟ ଦେଖିବାକୁ ମିଳେ। ତେଣୁ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ବାସ୍ତବ ରୂପକୁ ପରଖି ଚୟନ କରାଗଲେ ଉପଯୁକ୍ତ ସାମାଜିକ ମଙ୍ଗଳ ହୋଇ ପାରିବ।

କଥାରେ ଅଛି ଗରଜିଲା ମେଘ ବରଷେ ନାହିଁ, ଭୁକିଲା କୁକୁର କାମୁଡେ ନାହିଁ ! ଅର୍ଥାତ ଯିଏ କୁହେ ସିଏ କରେ ନାହିଁ, ଯିଏ କରିବ ସିଏ କୁହେ ନାହିଁ ! ଏହି ଉକ୍ତିଟି ଉପରେ ଆଧାର କରି ନିଜସ୍ୱ ଚେତନା ସୃଷ୍ଟି ନକରି ସମୟସାପେକ୍ଷ କୁହେଳିକାରେ ବିଶ୍ୱାସ କରି ଲୋକ ପ୍ରତିନିଧି ଚୟନ କରାଯିବା ଗଣତାନ୍ତ୍ରିକ ବ୍ୟବସ୍ଥାର ନୀତି ଅନ୍ତର୍ଗତ ବୋଲି କହିବା ମିଥ୍ୟା ଉପଚାର ମାତ୍ର। ନିର୍ଦ୍ଦଳୀୟ ବିଚାର ଜଡିତ ସାମାଜିକ ଜ୍ଞାନ ତଥା ସେବା ମନବୃତ୍ତି ରହିଥିବା ମଣିଷଙ୍କୁ ସାଧାରଣ ଲୋକଙ୍କ ଦ୍ୱାରା ଚୟନ କରାଯାଇ ପ୍ରସ୍ତାବ ଉପସ୍ଥାପନ କରି ଲୋକ ପ୍ରତିନିଧି ଭାବେ ଅବସ୍ଥାପିତ କରାଗଲେ ରାଷ୍ଟ୍ର ସାମ୍ୟବାଦ ମୁଖି ହେବା ସମ୍ଭାବନା ରହିବ। ସମାଜରେ ଏମିତି ଅନେକ ସଚ୍ଚୋଟ, ନିସ୍ୱାର୍ଥପର, ଦେଶପ୍ରେମୀ ମଣିଷ ଅଛନ୍ତି ଯାହାଙ୍କ ପରିଚୟ ନାହିଁ ସାଧାରଣ ଲୋକଙ୍କ ପାଖରେ। କିନ୍ତୁ ଏମିତି ନୁହେଁକି ସେମାନଙ୍କୁ ଖୋଜି ବାହାର କରି ହେବନାହିଁ। କିନ୍ତୁ ସାଧାରଣ ଲୋକଙ୍କ ଇଚ୍ଛାଶକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ସେହିଭଳି ଲୋକଙ୍କୁ ଖୋଜି ବାହାର କରି ସାମାଜିକ ଦାୟିତ୍ୱ ଦେବାପାଇଁ ଯାହା କେହି ଭାବନ୍ତି ନାହିଁ। ଉପସ୍ଥିତ ସମୟର ପ୍ରହେଳିକାରେ ନିଜକୁ ସମାନ୍ତରାଳ କରି ଚାଲିବା ଆମ ଦେଶ ଲୋକଙ୍କ ଏକ ଶୈଖିକ ଚରିତ୍ର ! ଦଳୀୟ ଚେହେରା ଗୁଡିକୁ ପରିଚିତ ମୁହଁ ଦେଖି ଏବଂ ସେମାନଙ୍କ ଠାରୁ କଣ ସ୍ୱାର୍ଥ ହାସଲ କରିହେବ ବିଚାର କରି ଭୋଟ ଦେଇଥାନ୍ତି ଆମ ଲୋକେ। ସେଇଥିରେ ସେମାନଙ୍କ କେବଳ ବ୍ୟକ୍ତିଗତ ଭାବନା ଜଡିତ ରହିଥାଏ ଯାହା ସାମୁହିକ ଉନ୍ନତି ଦିଗରେ ଆଦୌ ସହାୟକ ହୋଇନଥାଏ। କେବଳ ପରିଚିତ ଚେହେରାକୁ ଦେଖି ଭୋଟ ଦିଆଯିବା ନିର୍ବୋଧତା ଛଡା ଆଉ କିଛି ନୁହେଁ ! କେତେକ ସାମ୍ୟବାଦୀ ମଣିଷଙ୍କ ଅପରିଚିତ ସମ୍ବିଧାନ ମଧ୍ୟରେ ଲୋକହିତକର କାର୍ଯ୍ୟ କରାଯିବା ସମ୍ଭାବନା ଯଥେଷ୍ଟ ସୁଦୃଢ଼ ହୋଇପାରିବ ! କିନ୍ତୁ ଗୋଷ୍ଠୀଗତ ସଦସ୍ୟଙ୍କ ମନମୁଖୀ ଚିନ୍ତାଧାରା ରହିବା ଅତ୍ୟନ୍ତ ସମ୍ଭବ ! କାରଣ ସେମାନଙ୍କ ମଧ୍ୟରେ ସଲାସୁତୁରା ହୋଇ ସମସ୍ତଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରାଯିବା କୌଣସି ଅସମ୍ଭବ ନୁହେଁ। କିନ୍ତୁ ସାମ୍ବିଧାନିକ ଲୋକ ପ୍ରତିନିଧି ସମୂହଙ୍କ ମଧ୍ୟରେ ପୂର୍ବରୁ କୌଣସି ସମ୍ପର୍କ ନଥାଇ ଏକ ନୂତନ ସଦସ୍ୟ ଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ବ୍ୟଭିଚାର କରାଯିବା ସମ୍ଭାବନା ଯଥେଷ୍ଟ କମ୍ ହେବ ତୁଳନାତ୍ମକ ଏକ ସମ୍ପର୍କିତ ଗୋଷ୍ଠୀବଦ୍ଧ ଦଳ। ତେଣୁ ପ୍ରତ୍ୟେକ ସମୟରେ ସାଧାରଣ ମଣିଷ ଗୁଡିକ ସଚେତନ ରହି ନିର୍ବିକାର ନିରୋଳା ମଣିଷଙ୍କୁ ସାମାଜିକ ଦାୟିତ୍ୱ ଦେବା ବିଚାର ରଖିଲେ ଦେଶର ପ୍ରଗତି ସୁନିଶ୍ଚିତ ହେବ। ଗୋଷ୍ଠୀଗତ ବିଚାରରେ କେତେକ ପାରିବା ମଣିଷ ଏକତ୍ରିତ ହୋଇ ସାମାଜିକ କାର୍ଯ୍ୟ କରିବା ତଥା ଲୋକଙ୍କ ମଙ୍ଗଳ କରିବା ପ୍ରବଚନ ବାଢ଼ି ନିର୍ବାଚନ ଜିତିବା ପରେ ଯେଉଁ କାର୍ଯ୍ୟ କରୁଛନ୍ତି ସମସ୍ତେ ଜାଣନ୍ତି। ଯେକୌଣସି ଉପାୟରେ ଲୋକଙ୍କ ମନକୁ ଜିତି ସମାଜରେ ନିଜର ପ୍ରାଧାନ୍ୟତା ବିସ୍ତାର ଦିଗରେ ଅନେକ କୁକର୍ମ କରିବା ପାଇଁ ମଧ୍ୟ ପଛାଇନଥାନ୍ତି କେତେକ ଗୋଷ୍ଠୀ। ଏମିତିକି ଭୟାବହ ପରିସ୍ଥିତି ସୃଷ୍ଟି କରି ନିର୍ବାଚନ ଜିତିବା ଆଶା ରଖୁଥିବା ଗୋଷ୍ଠୀଗତ ବିଚାର ବିଷୟରେ କାହାକୁ ଅଗୋଚର ! ବିଭିନ୍ନ ସ୍ତରର ମଣିଷ ଦେଖିବାକୁ ମିଳନ୍ତି କୌଣସି ଏକ ଗୋଷ୍ଠୀ ମଧ୍ୟରେ ଯାହାଙ୍କ ସାମାଜିକ ପରିଚୟ ବ୍ୟାଖ୍ୟା କରାଗଲେ ଆଶ୍ଚର୍ଯ୍ୟ ଲାଗିବ ଯେ କେଉଁ ସ୍ତରର ମଣିଷଙ୍କୁ ଆମେ ଏତେବଡ ସାମାଜିକ ଦାୟିତ୍ୱ ଦେବାରେ ଟିକେ ହେଲେ କୁଣ୍ଠା ବୋଧ କରୁନାହୁଁ ଯାହାଙ୍କୁ ମଣିଷ ବୋଲି କହିବା ମଧ୍ୟ ଅଯୌକ୍ତିକ ! ଏମିତି ଅନେକ ଲୋକ ପ୍ରତିନିଧି ଅତୀତରେ ଥିଲେ / ଅଛନ୍ତି ଯେଉଁମାନେ ଅସାମାଜିକ କାର୍ଯ୍ୟ ତଥା ନରହତ୍ୟା କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି ! ସେମାନଙ୍କୁ ଆମେ କାହିଁକି ଲୋକ ପ୍ରତିନିଧି ଭାବେ ଚୟନ କରିଥାଉ ଉତ୍ତର ନାହିଁ କାହା ପାଖରେ। କାରଣ ସମସ୍ତେ ଆଜି ସ୍ଥାଣୁ ଅବସ୍ଥାରେ ବଂଚିବା ଶିଖିଛନ୍ତି କେବଳ ସାମାଜିକ ଭୟାତୁର ପରିବେଶକୁ ଦେଖି ! ସମାଜରେ ଭୟ ସୃଷ୍ଟି କରି ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କୁ ଡରି ଲୋକ ଭୋଟ ଦେଉଥିବା ବିଷୟ ସମସ୍ତଙ୍କୁ ଗୋଚର। ତଥାପି ସେମାନଙ୍କୁ ଆମେ ଲୋକ ପ୍ରତିନିଧି ଭାବେ ଗ୍ରହଣ କରିବାକୁ ଆଦୌ ପଛଘୁଞ୍ଚା ଦେଇନଥାଉ ! ଏମିତି ଅନେକ ଅଯୌକ୍ତିକ ପରିବେଶ, ପରିସ୍ଥିତି ମଧ୍ୟରେ ନିର୍ବାଚନେ ଆମର କାହିଁକି ତାହାର ଉତ୍ତର ନାହିଁ କାହା ପାଖରେ ! ହେଲେ ଯାକୁ କଣ ଲୋକତନ୍ତ୍ର ବୋଲି କୁହାଯାଇ ପାରିବ ? ନିଶ୍ଚିତ ନୁହେଁ !

ସାଧାରଣ ଲୋକଙ୍କ ଦରିଦ୍ରତା ଏବଂ ଦରିଦ୍ର ମନୋଭାବ ହେତୁ ଏମିତି ହେବା ପଛର ରହସ୍ୟ ଭିନ୍ନ ! ଲୋକଙ୍କ ଏହିଭଳି ମାନସିକତା ସୃଷ୍ଟି କରି ରଖିଥିବା ମଧ୍ୟ ଦଳୀୟ ଶାସନର ଏକ ବିଶେଷ ସୂତ୍ର। ନିର୍ବିକାର, ନିର୍ଭୟ, ଆତ୍ମନିର୍ଭରଶୀଳ ଚେତନା ଜାଗ୍ରତ କରି କାହାର ସହାନୁଭୂତିକୁ ପ୍ରତ୍ୟାଖ୍ୟାନ କଲେ ଜଣେ ମଣିଷ ଯେ ନିଶ୍ଚିତ ଉନ୍ନତି କରିବ ସେଇଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ସାଧାରଣ ଲୋକେ ସବୁବେଳେ ଦୁର୍ବଳ କରି ରଖିଛନ୍ତି ନିଜକୁ ନିଜେ। ଏବଂ ସେମାନଙ୍କୁ ସେମିତି ରଖିବା ପଛରେ ମଧ୍ୟ ଗୋଷ୍ଟିଗତ ଶାସନର ଭୂମିକା ଯଥେଷ୍ଟ ଅଧିକ। ଏମିତି ଅନେକ ସମସ୍ୟା ପରିସ୍ଥିତି ମଧ୍ୟରେ ପରିଚାଳିତ ଆମ ସାମାଜିକ ନିର୍ବାଚନ ବ୍ୟବସ୍ଥା ଯେ ଏହାର ଅନ୍ତ କେବେ ! ଉତ୍ତର ମିଳୁନାହିଁ ଆମକୁ ପୂର୍ବାପର ପରିସ୍ଥିତି ଗୁଡିକୁ ସମୀକ୍ଷା କଲେ। ତଥାପି ଆମେ ବଂଚିଛେ, ବଂଚି ରହିଥିବା, କିନ୍ତୁ ନୀତି ମରି, ନୀତି ବଂଚି। ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଆଭ୍ୟନ୍ତରୀଣ ଗଣ ଆନ୍ଦୋଳନର ଆବଶ୍ୟକତା ରହିଛିକି, ବିଚାର କରି ଦେଖନ୍ତୁ ସଭ୍ୟ ସମାଜର ସାଧାରଣ ଜନତା। ଯଦି ହଁ, ତାହେଲେ ବର୍ତ୍ତମାନଠାରୁ କାହିଁକି ନୁହେଁ ? ବୈଦେଶିକ କୂଟନୀତି, ଉପରେ ପରିଚାଳିତ ଆମ ଦେଶ ନିର୍ବାଚନ ବ୍ୟବସ୍ଥାର ବାସ୍ତବ ସୁଧାର କେବେ..... ??

ଦୂରଭାଷ.: ୯୪୩୭୩୨୪୯୧୭

# ଦଉଡ଼ି ସାହାରାରେ ପାହାଡିଆ ନଦୀ ପାର ହେବା ବେଳେ ଛିଣ୍ଡିଗଲା ଦଉଡି, ଭାସିଯାଇ ମହିଳାଙ୍କ ଶୋଚନୀୟ ମୃତ




ପାରଳାଖେମୁଣ୍ଡି,୧୨।୧୦(ପ୍ରବାହ ନ୍ୟୁଜ): ଗଜପତି ଜିଲ୍ଲାରେ ଏକ ମର୍ମନ୍ତୁଦ ଦୁଃଖଦ ଖବର ହସ୍ତଗତ ହୋଇଛି. ଦଉଡ଼ି ସାହାରାରେ ପାହାଡିଆ ନଦୀ ପାର ହେବା ବେଳେ ହଠାତ ଛିଣ୍ଡିଗଲା ଦଉଡି. ଯଦ୍ଵାରା ପାହାଡିଆ ନଦୀର ପାଣି ସ୍ରୋତରେ ଭାସିଯାଇ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି. ଏହି ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ କଳାପଙ୍କା ଗ୍ରାମରେ କ୍ଷ ଗ୍ରାମର ୩ ଜଣ ମହିଳା ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲକୁ ପ୍ରତେକ ଦିନ ଭଳି ଆଜି କାଠ ସଂଗ୍ରହ ପାଇଁ ଗ୍ରାମ ତଟରେ ବହିଯାଉଥିବା ପାହାଡିଆ ରାମନଦୀକୁ ନଦୀ ପାର ପାଇଁ ପୂର୍ବରୁ ବନ୍ଧା ଯାଇଥିବା ଦଉଡି ସାହାରାରେ ନଦୀ ପାର ହେଉଥିବା ବେଳେ ହଠାତ ଦଉଡିଟି ଛିଣ୍ଡି ଯାଇ ପାହାଡିଆ ନଦୀର ସ୍ରୋତରେ ଜଣେ ମହିଳା ଭାସିଗଲେ ।

ଏହି ଘଟଣା ନେଇ ଅନ୍ୟ ଦୁଇ ଜଣ ମହିଳା ସେଠାରୁ ସଙ୍ଗେ ସଙ୍ଗେ ଫେରି ଘଟଣା ନେଇ ଗ୍ରାମରେ ଜଣାଇଲେ. ପରେ ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ଆର. ଉଦୟଗିରି ପୋଲିସ ଓ ଅଗ୍ନିଶମ ବାହିନୀକୁ ଜଣାଇ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ. ଘଟଣା ଘଟିବାର ୪୦ ମିନିଟ ପରେ ଆର. ଉଦୟଗିରି ପୋଲିସ ଉପସ୍ଥିତିରେ ଅଗ୍ନିଶମବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ. ଦଉଡ଼ି ଛିଣ୍ଡି ଯାଇ ନଦୀରେ ଭାସି ଯାଇଥିବା ସ୍ଥାନରୁ କିଛି ଦୂରରେ ସମ୍ପୃକ୍ତ ମହିଳାଙ୍କ ମୃତଦେହକୁ ଅଗ୍ନିଶମବାହିନୀ ଉଦ୍ଧାର କରିଥିଲେ. ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି ଆର. ଉଦୟଗିରି ବ୍ଲକ କଳାପଙ୍କା ଗ୍ରାମର ସୁଲୋଚନ ମଣ୍ଡଳଙ୍କ ସ୍ତ୍ରୀ କବିତା ମଣ୍ଡଳ ବୋଲି ଜଣା ପଡିଛି. ସମ୍ପୃକ୍ତ ଘଟଣା ନେଇ ସେହି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି. ଆର. ଉଦୟଗିରି ପୋଲିସ ଥାନାରେ ଘଟଣା ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲାସ୍ତରୀୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।

## ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ଦାବି

# ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



କଳାହାଣ୍ଡି,୧୨।୧୦(ପ୍ରବାହ ନ୍ୟୁଜ): ଭବାନୀପାଟଣା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ସହିତ ଦରମା ବୃଦ୍ଧି ଓ ବିଭିନ୍ନ ବକେୟା ଅର୍ଥ ପ୍ରଦାନ ଦାବିରେ ଦାବିପତ୍ର ପ୍ରଦାନ। ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ସୋମବାର କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଲମ୍ବିତ ରହିଥିବା ବିଭିନ୍ନ ଦାବିର ତୁରନ୍ତ ସମାଧାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟକାଳ, ପାରିଶ୍ରମିକ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦାବିରେ ସୋମବାର ଭବାନୀପାଟଣା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ସହିତ ଅଙ୍ଗନୱାଡ଼ି କର୍ମୀଙ୍କୁ ମାସିକ ୩୦ ହଜାର ଟଙ୍କା ଏବଂ ସହାୟିକାଙ୍କୁ ମାସିକ ୧୫ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରିବାକୁ ଦାବି ହୋଇଛି। ଏଥିସହିତ ୨୦୨୪ ନିର୍ବାଚନ ଇସ୍ତାହାରରେ ଘୋଷିତ ପାରିଶ୍ରମିକ ବୃଦ୍ଧିକୁ ତୁରନ୍ତ ଲାଗୁ କରିବାକୁ ଦାବି କରାଯାଇଛି। ସେହିପରି ୫୫ ବର୍ଷରୁ ଊର୍ଦ୍ଧ୍ୱ କର୍ମୀଙ୍କ ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ବ୍ୟବସ୍ଥାର ପୁନର୍ବିଚାର, ୬୦ ବର୍ଷ ପରେ ଦୁଇ ବର୍ଷର ସମ୍ପ୍ରସାରିତ ନିଯୁକ୍ତି ପ୍ରଦାନରେ ଦେଖାଦେଉଥିବା ସମସ୍ୟାର ସମାଧାନ ଏବଂ ସୁପରଭାଇଜର ପଦକୁ ନିୟମିତ ପଦୋନ୍ନତି ସହିତ ବୟସ ସୀମା ଉଚ୍ଛେଦ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ, ପୋଷଣ ଟ୍ରାକରରେ ନେଟୱାର୍କ ସମସ୍ୟା ଯୋଗୁଁ ତଥ୍ୟ ଅପଲୋଡ୍ ହୋଇନପାରିବା କାରଣରୁ କଟାଯାଇଥିବା ପାରିଶ୍ରମିକ ପୁନଃ ପ୍ରଦାନ, ତିନି ବର୍ଷର ବକେୟା ୟୁନିଫର୍ମ ରାଶି, ମୋବାଇଲ୍ ରିଚାର୍ଜ ଓ ଇଣ୍ଟରନେଟ୍ ପ୍ୟାକ୍ ଖର୍ଚ୍ଚ ଏବଂ ପାଞ୍ଚ ମାସର ବକେୟା ପୋଷଣ ଇନସେଣ୍ଟିଭ୍ ତୁରନ୍ତ ପ୍ରଦାନ କରିବାକୁ ସଂଘ ଦାବି କରିଛି। ଏହାସହିତ ଏସ୍‌ଏନ୍‌ପି ଓ ଏମ୍‌ଏସ୍‌ପିୱାଇ ଯୋଜନାର ଅର୍ଥରାଶି ଏବଂ ଚାଉଳ ଠିକ୍ ସମୟରେ ଯୋଗାଣ, ଜଏଣ୍ଟ ଆକାଉଣ୍ଟରେ ଆସୁଥିବା ଅର୍ଥର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ ଏବଂ ମାତୃତ୍ୱକାଳୀନ ସୁବିଧା, ଅବସରକାଳୀନ ସୁବିଧା ଓ ମୃତ୍ୟୁକାଳୀନ ସହାୟତା ରାଶି ତୁରନ୍ତ ପ୍ରଦାନ କରିବାକୁ ମଧ୍ୟ ଦାବି କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଶିଶୁ ବିକାଶ, ପୁଷ୍ଟିସାଧନ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିବାରୁ ସେମାନଙ୍କ ନ୍ୟାର୍ଯ୍ୟ ଦାବିଗୁଡ଼ିକ ପ୍ରତି ସରକାର ସଦୟ ବିଚାର କରି ଶୀଘ୍ର ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# କଂଗ୍ରେସ ଭବନ ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ




ମାଲକାନଗିରି,୧୨।୧୦(ପ୍ରବାହ ନ୍ୟୁଜ): ମହିଳାଙ୍କ ପ୍ରତି କଂଗ୍ରେସ ନେତାଙ୍କ ଆପତ୍ତିଜନକ ମନ୍ତବ୍ୟ ଓ ମହିଳା ନିର୍ଯାତନା ପ୍ରସଙ୍ଗକୁ ନେଇ ମାଲକାନଗିରି ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇ ପ୍ଲାକାର୍ଡ ଧରି କଂଗ୍ରେସ ବିରୋଧୀ ସ୍ଲୋଗାନ ଦେଇଥିଲେ। ମହିଳାଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଓ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟକୁ ନେଇ ବିକ୍ଷୋଭକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ମହିଳା ମୋର୍ଚ୍ଚା ସଭାନେତ୍ରୀ କହିଥିଲେ ଯେ, କଂଗ୍ରେସ ନେତାମାନଙ୍କ ଏଭଳି ମନ୍ତବ୍ୟ ମହିଳା ସମାଜ ପ୍ରତି ଅସମ୍ମାନ। ଏଥିପାଇଁ କଂଗ୍ରେସ ନେତୃତ୍ୱ ସମଗ୍ର ମହିଳା ସମାଜ ନିକଟରେ କ୍ଷମା ମାଗିବା ଉଚିତ ବୋଲି ସେ ଦାବି କରିଥିଲେ। ବିକ୍ଷୋଭରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ବେଣୀ କାର୍ତ୍ତୁଲ୍, ଜିଲ୍ଲା ସମ୍ପାଦିକା ସବିତା ମିଶ୍ର, ପ୍ରମିଳା ଦାସ, ଲକ୍ଷ୍ମୀପ୍ରିୟା ବାରିକ, ମମତା ମହାନ୍ତି, ସୌଦାମିନୀ ଆଚାର୍ଯ୍ୟଙ୍କ ସମେତ ବହୁ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ତାର୍ଲାକଟାରେ ଗୌଡ଼ ସମାଜର ସମୀକ୍ଷା ବୈଠକ ଓ ସାଧାରଣ ସଭା




ମାଲକାନଗିରି,୧୨।୧୦(ପ୍ରବାହ ନ୍ୟୁଜ): ମାଲକାନଗିରି ଜିଲ୍ଲାର ତାର୍ଲାକଟା ଗ୍ରାମରେ ଅକ୍ଟୋବର ୧୧ ତାରିଖରେ ଗୌଡ଼ ସମାଜର ସମୀକ୍ଷା ବୈଠକ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୬ ତାରିଖରେ ଜିଲ୍ଲାରେ ଅନୁଷ୍ଠିତ ରାଲିର ସଫଳତା ଓ ଅନୁଭୂତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ସମାଜର ଉପଦେଷ୍ଟା ନରସିଂହ ପୂଜାରୀ, ଜିଲ୍ଲା ସଭାପତି ମଙ୍ଗରାଜ ହନ୍ତାଳ, ଉପସଭାପତି ଲକ୍ଷ୍ମଣ ଗୌଡ଼ ଓ ତ୍ରିନାଥ ଗୌଡ଼, ଜିଲ୍ଲା ସମ୍ପାଦକ ସଦାଶିବ ହନ୍ତାଳ, ରାମଦେବ କସରିଆ, ସୁଭାଷ ଗୌଡ଼ଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି, ସମ୍ପାଦକ, କର୍ମକର୍ତ୍ତା ଓ ବିଭିନ୍ନ ଗ୍ରାମର ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ଗୌଡ଼ ସମାଜକୁ ଜିଲ୍ଲାରେ ଅଧିକ ସୁଦୃଢ଼ ଓ ସଂଗଠିତ କରିବା ସହ ସମାଜରେ ଏକତା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ଯୁବପିଢ଼ିଙ୍କୁ ସଂଗଠନ ସହ ଯୋଡ଼ିବା, ଗ୍ରାମ ଓ ବ୍ଲକସ୍ତରରେ ସଂଗଠନକୁ ମଜବୁତ କରିବା ଏବଂ ସମାଜର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ମିଳିତ ଉଦ୍ୟମ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ନିଜ ମତାମତ ରଖିବା ସହ ସମାଜର ସର୍ବାଙ୍ଗୀଣ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକତା, ସହଯୋଗ ଓ ସମନ୍ୱୟର ସହ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ। "ଏକତା ହିଁ ଆମର ଶକ୍ତି, ସଂଗଠନ ହିଁ ଆମର ପରିଚୟ" ବାର୍ତ୍ତା ସହ ସମାଜର ଉନ୍ନତି ପାଇଁ ଏକାଠି ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦିଆଯାଇଥିଲା।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,୧୦୦ ୟୁନିଟ୍ ରକ୍ତ ସଂଗୃହୀତ

ଆଠଗଡ, ,୧୨।୧୦(ପ୍ରବାହ ନ୍ୟୁଜ):ଭାରତ ପ୍ରଥମ ଗୃହମନ୍ତ୍ରୀ ଲୌହମାନବ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଜନ୍ମ ବାର୍ଷିକୀ ଜାତୀୟ ଏକତା ଦିବସ ଉପଲକ୍ଷେ ଆଠଗଡ଼ ଥାନା ପକ୍ଷରୁ ସ୍ଥାନୀୟ ବାସନ୍ତି କଲ୍ୟାଣ ମଣ୍ଡପ ଠାରେ ଆଠଗଡ଼ ଥାନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ରକ୍ତ ଭଣ୍ଡାର ଦ୍ୱାରା ପରିଚାଳିତ ଏହି ଶିବିର ରେ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ଙ୍କ ସଂଯୋଜନା ଉକ୍ତ ଶିବିରକୁ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଶୁଭାରମ୍ଭ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାର ମାନଙ୍କ ରେ ରକ୍ତ ଘୋର ଅଭାବ ଦେଖା ଦେଇଥିବା ବେଳେ ପୋଲିସ ଉଦ୍ୟମ କୁ ପ୍ରଶଂସା କରାଯାଇଛି। ଉକ୍ତ ଶିବିର ରେ ସ୍ଥାନୀୟ ଅଞ୍ଚଳର ସାମାଜିକ ଅନୁଷ୍ଠାନ, ବରିଷ୍ଠ ନାଗରିକ, ଆଇନଜୀବୀ ମାନେ ଯୋଗଦେଇଥିଲେ।



# ଚାରିନଙ୍ଗଳ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ




ବାଲିଚନ୍ଦ୍ରପୁର,୧୨।୧୦(ପ୍ରବାହ ନ୍ୟୁଜ): ଯାଜପୁର ଜିଲ୍ଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଚାରିନଙ୍ଗଳ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬, ଚାରିନଙ୍ଗଳ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମୁସ୍ତାକିମ୍ ଅଲ୍ଲୀ ଉଦ୍ଘାଟନ କରିଥିଲେ। ଏଥିରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା, ସାଧାରଣଜ୍ଞାନ, ସୃଜନାତ୍ମକ ଲିଖନ, କଣ୍ଠ ସଙ୍ଗୀତ, ପ୍ରବନ୍ଧ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଚାରିନଙ୍ଗଳ କ୍ଲଷ୍ଟର ସି. ଆର.ସି.ସି. ସେଖ ଅପସର ଅଲ୍ଲୀ ସଂଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ସରପଞ୍ଚ ସେକ ଅବଦୁଲ ଗନି, ସମ୍ମାନିତ ଅତିଥି ଭାବେ ଚାରିନଙ୍ଗଳ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମୁସ୍ତାକିମ୍ ଖାନ୍, ପ୍ରାକ୍ତନ ସି. ଆର ସି. ସି. ବିପିନ୍ କୁମାର ରାଉତରାୟ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଦକ୍ଷୀଣ ଗୋପଲପୁର୍ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଦାମ ଚରଣ ସେଠୀ ଧନ୍ୟବାଦ ଦେଇଥିଲେ। କ୍ଲଷ୍ଟର ଅଧିନ ର ୧୭ ଗୋଟି ବିଦ୍ୟାଳୟରୁ ଛାତ୍ର/ଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ

# ଗଞ୍ଜାମ ଜିଲ୍ଲା ଶ୍ରେଷ୍ଠ ବିବେଚିତ, ଗଜପତି ଦ୍ୱିତୀୟ ଓ ବୌଦ୍ଧ ତୃତୀୟ ସ୍ଥାନରେ




ବୌଦ୍ଧ,୧୨।୧୦(ପ୍ରବାହ ନ୍ୟୁଜ): ବୌଦ୍ଧ ସ୍ଥିତ ଟାଉନହଲ ଠାରେ ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି କ୍ଷ ଉକ୍ତ କାର୍ଯ୍ୟକ୍ରମ ରେ ଗଞ୍ଜାମ, ଗଜପତି, କନ୍ଧମାଳ,ନୟାଗଡ, ବୌଦ୍ଧ ଓ ବଲାଙ୍ଗୀର ଆଦି ଛଅ ଟି ଜିଲ୍ଲା ର ଛାତ୍ରଛାତ୍ରୀ ଦଳ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷାଅଧିକାରୀ ଟେମଲାଲ ଦୁବେ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ,ସମ୍ମାନୀତ ଅତିଥି ଭାବରେ ପ୍ରଖ୍ୟାତ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଗଦାଧର ବାରିକ, ପ୍ରଦ୍ୟୁମ୍ନ କୁମାର ସାହୁ ଓ ଅବକାଶ ମିଶ୍ର, ପି ଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ କ୍ଷ ମୁଖ୍ୟ ଅତିଥି ସରୋଜ କୁମାର ପ୍ରଧାନ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ କେବେମଧ ବାପା ମା' ଙ୍କୁ ଭୁଲିବ ନାହିଁ ଓ ତାଙ୍କର ସେବାଯତ୍ନ ନେବ କହି ବା ମାନେ 'ବାୟୁ,' ପା ମାନେ 'ପାଣି' ଓ ମା ମାନେ 'ମାଟି ' ବୋଲି ତାଙ୍କ ଭାଷଣ ରେ କହିଥିଲେ।ଉକ୍ତ ବିଜ୍ଞାନ ନାଟକ ପ୍ରତିଯୋଗିତା ରେ ୬ ଟି ଦଳ ଯୋଗ ଦେଇଥିଲେ କ୍ଷ ସମସ୍ତ ଦଳ ଭଲ ଭାବରେ ନିଜ ନିଜ ନାଟକ ପରିବେଷଣ କରିଥିଲେ। ଏହି ବିଜ୍ଞାନ ନାଟକ ପ୍ରତିଯୋଗିତା ରେ ସୁବର୍ଣ୍ଣପୁର ର ବିଶିଷ୍ଟ ନାଟ୍ୟକାର ଗଦାଧର ବାରିକ,ଫିଲ୍ମି ଅଭିନେତା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ସାହୁ ଓ ବିଶିଷ୍ଟ ଅଭିନେତା ନାଟ୍ୟକାର ଅବକାଶ ମିଶ୍ର ପ୍ରମୁଖ ବିଚାରକ ଭାବରେ ଯୋଗଦଇ ଥିଲେ। ଉକ୍ତ ଜୋନାଲ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ରେ ଗଞ୍ଜାମ ଜିଲ୍ଲା ର ପି ଏମ ଶ୍ରୀ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଛତ୍ରପୁର, ଗଜପତି ଜିଲ୍ଲା ର ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେ ଏମ ଭାଲିଆସାହି, ନୟାଗଡ ଜିଲ୍ଲା ର ସରକାରୀ ଉଚ୍ଚ ବିଦ୍ୟାଳୟ ଲାଠିପଡ଼ା, କନ୍ଧମାଳ ଜିଲ୍ଲା ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଫିରିଙ୍ଗିଆ, ବଲାଙ୍ଗୀର ଜିଲ୍ଲା ର ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲାନ ଓ ବୌଦ୍ଧ ଜିଲ୍ଲା ର ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଆଦି ଛଅ ଟି ଜିଲ୍ଲା ର ଉଚ୍ଚ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଦଳ ଅଂଶ ଗ୍ରହଣ କରି ନାଟକ ପ୍ରଦର୍ଶନ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ନବ କୁମାର ଦୀପ ମଞ୍ଚ ପରିଚାଳନା କରିଥିଲେ। ସନ୍ତୋଷ କୁମାର କର୍ଣ୍ଣ ନାଟକ ପରିଚାଳନା ରେ ସହଯୋଗ କରିଥିଲେ । ପି ଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ବିଜ୍ଞାନ ନାଟକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଦ୍ୱିତୀୟାର୍ଦ୍ଧ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ , ସମ୍ମାନୀତ ଅତିଥି କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ , ଅନ୍ୟତମ ଅତିଥି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ୍ୟା ଦେବସ୍ମିତା ଚକ୍ର , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ। ଉକ୍ତ ଜୋନାଲ ସ୍ତରୀୟ ନାଟକ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ରେ ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ସ୍ଥାନ ରେ ଗଜପତି ଜିଲ୍ଲା ଓ ତୃତୀୟ ସ୍ଥାନରେ ବୌଦ୍ଧ ଜିଲ୍ଲା ଏବଂ ଶ୍ରେଷ୍ଠ ଅଭିନେତା ଭାବରେ ଗଞ୍ଜାମ ଜିଲ୍ଲା ର ଆଦର୍ଶ ନାହାକ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଗଜପତି ଜିଲ୍ଲାର ଲକ୍ଷ୍ମୀନାରାୟଣୀ ପାଇକ, ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ଗଂଜାମ ଜିଲ୍ଲାର ବ୍ଲେସି ପ୍ରଧାନ, ଶ୍ରେଷ୍ଠ ପଟଲେଖକ ଭାବେ ଗଜପତି ଜିଲ୍ଲାର ପ୍ରହ୍ଲାଦ ସିଆଲ ଆଦିଙ୍କୁ ମୁଖ୍ୟ ଅତିଥି ଏବଂ ଅନ୍ୟ ଅତିଥି ମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ବୌଦ୍ଧ ଜେ ଡ଼ି ଉଚ୍ଚ ବିଦ୍ୟାଳୟ ର ଏନ ସି ସି ଦଳ, ପି ଏମ ଶ୍ରୀ ବି ବି ଏନ ଉଚ୍ଚ ବିଦ୍ୟାଳୟ ସରସରା ର ବ୍ୟାଣ୍ଡ ପାଟି ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଧନ୍ୟବାଦ ଜଣାଇଥିଲେ। ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ର କର୍ମଚାରୀ ଓ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଓ ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଜିଲ୍ଲା ଷ୍ଟାଡିୟମରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଅନୁଷ୍ଠିତ



ବୌଦ୍ଧ,୧୨।୧୦(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମଠାରେ ଆଜି ୨୨ଟି ଫରେଷ୍ଟ ଗାର୍ଡ, ୧୮ଟି ଫରେଷ୍ଟର ଏବଂ ୨୦ଟି ଅବକାରୀ କନଷ୍ଟେବଲ ପଦବୀ ପାଇଁ ଶାରୀରିକ ମାନଦଣ୍ଡ ମାପ (ଚଝଗ) ଏବଂ ଶାରୀରିକ ଦକ୍ଷତା ପରୀକ୍ଷା (ଚରଞ୍ଚ) ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ପ୍ରକ୍ରିୟାର ତଦାରଖ କରିବା ସହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତିରଞ୍ଜନ ଭୂଏ, ଡେପୁଟି କଲେକ୍ଟର ପରିପୂର୍ଣ୍ଣା ଦେବୀ, ଡିଏଫଓ ରାଜେନ୍ଦ୍ର ଗୋଛାୟତ, ଅବକାରୀ ଅଧୀକ୍ଷକ ଶ୍ରୀମତୀ ଶାନ୍ତି ମାରାଣ୍ଡି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ରହିଥିଲେ। ଏହି ପରୀକ୍ଷାର ସୁପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବାହିନୀ, ଅବକାରୀ ବିଭାଗ ଏବଂ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ଯୋଗ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ପାରଦର୍ଶୀ,ସୁଚାରୁ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ନିଜେ ଷ୍ଟାଡିୟମ୍ ରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟା ନିରୀକ୍ଷଣ କରିଥିଲେ।

# ଯୌତୁକ ନିର୍ଯାତନାରୁ ବୋହୂଙ୍କୁ ପୋଡ଼ିଦେବା ଅଭିଯୋଗ



କଳାହାଣ୍ଡି, ୧୨/୧୦ (ପ୍ରବାହ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଗୋତମୁଣ୍ଡା ଗ୍ରାମରେ ଯୌତୁକ ନିର୍ଯାତନାକୁ କେନ୍ଦ୍ର କରି ଜଣେ ବୋହୂଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ନେଇ ତାଙ୍କ ଶ୍ୱଶୁରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ହୋଇଛି। ଏହି ଘଟଣାରେ ଗୁରୁତର ଆହତ ମହିଳାଙ୍କୁ ପ୍ରଥମେ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ଗୋତମୁଣ୍ଡା ଗ୍ରାମର ଗୀତାଞ୍ଜଳିଙ୍କ ବିବାହ ୨୦୨୧ ମସିହାରେ ହୋଇଥିଲା। ବିବାହ ପରଠାରୁ ଯୌତୁକକୁ କେନ୍ଦ୍ର କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଗତ ରବିବାର ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ପେଟ୍ରୋଲ ଢାଳି ଦେହରେ ନିଆଁ ଲଗାଇଦେଇଥିବା ନେଇ ଅଭିଯୋଗ ଆସିଛି। ଘଟଣା ପରେ ଗୁରୁତର ଅବସ୍ଥାରେ ଗୀତାଞ୍ଜଳିଙ୍କୁ ଧର୍ମଗଡ଼ ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଏହି ଘଟଣାକୁ ନେଇ ଗୀତାଞ୍ଜଳିଙ୍କ ବାପା ଆମପାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ଘଟଣାର ପ୍ରକୃତ କାରଣ ଓ ଅଭିଯୋଗର ସତ୍ୟତା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ।






## ବାଆଁରା ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ



ବାଙ୍କୀ, ୧ ୨।୧ ୦(ପ୍ରବାହ ନ୍ୟୁଜ): ଆଜି ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାସ୍ଥ ସୁବୁଦ୍ଧେଶ୍ୱର ମିଳିତ ବିଦାପୀଠ ପରିସରରେ ଶ୍ରୀ ସୁବୁଦ୍ଧେଶ୍ୱର ରୋଟାରୀ କମ୍ୟୁନିଟି ସେଣ୍ଟର ଆନୁକୁଲ୍ୟରେ ବକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ନିରଞ୍ଜନ ଭୋଇ ବୃକ୍ଷରୋପଣ କାର୍ଯ୍ୟକମକୁ ଶୁଭାରମ୍ଭ କରିଥିଲେ । ରୋଟାରୀ କ୍ଲବର ସଂପାଦକ ଗୌରାଙ୍ଗ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ମନୋଜ କୁମାର ମହାପାତ୍ର, ବିଶ୍ୱନାଥ ସାହୁ, ସୋମନାଥ ରାଉତ, ମୁକେଶ ପାତ୍ର , ଆଦିତ୍ୟ ସାହୁ ପ୍ରମୁଖ ଯୋଗଦାନ କରି ବୃକ୍ଷରୋପଣ କରିଥିଲେ ।

## ଜିଲ୍ଲାପାଳ ରାୟଗଡାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ରାୟଗଡା, ୧ ୨।୧ ୦(ପ୍ରବାହ ନ୍ୟୁଜ): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଅଭିଷେକ ଦିଲୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡା ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମ୍ଭର ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣି କରିଥିଲେ । ଉପଖଣ୍ଡ ସ୍ତରୀୟ ଏହି ଜନ ଶୁଣାଣି ଶିବିରରେ ମୋଟ ୫୮ଟି ଅଭିଯୋଗର ପଞ୍ଜୀକରଣ




ହୋଇଥିବା ବେଳେ, ସେଥିରୁ ୪୨ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଦରଖାସ୍ତର ଶୁଣାଣି ହୋଇଥିଲା । ଦୁଇ ଜଣଙ୍କୁ ବାର ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ଆଜି ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ପତ୍ର ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ରାସ୍ତା, ପାନୀୟ ଜଳ ଯୋଗାଣ, ଗ୍ରାମକୁ ବିଦ୍ୟୁତ ଯୋଗାଣ, ଭତ୍ତା, ନେଟୱାର୍କ, କ୍ରୀଡା ଭିତ୍ତିଭୂମି ଉନ୍ନତି ନିମନ୍ତେ ଦରଖାସ୍ତ ଭଳି ବିଭିନ୍ନ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପାରାଣୀ ବେହେରା, ବିନୋଦ କୁମାର ଗମାଙ୍ଗ, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା କୁମାରୀ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଯୋଗାଣ ଅଧିକାରୀ ଲଳିତ କୁମାର ପଟନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଜି, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ଅରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁ, ସେକ୍ସନ ଅଧିକାରୀ ଭାଡ଼ି ଶ୍ରୀନିବାସ ରାଓ, ବିନୋଦ ଶବର, ଜସ୍ମିନ ଦୋରା, ତପନ କୁମାର ରଥ ପ୍ରମୁଖ ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର ଓ ପୋଲିସ କର୍ମଚାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ । ଜଗଦୀଶ ପଣ୍ଡା, ସୋମନାଥ ଗମାଙ୍ଗ, ଲିଙ୍ଗରାଜ ପାଢୀ, ପ୍ରଭାତ ବାଉରୀ ଆଦି ସହଯୋଗ କରିଥିଲେ ।

### ବିଶ୍ୱ ଆର୍ଥ୍ରାଇଟିସ୍ ଦିବସରେ ଆଞ୍ଜେଲ ହେଲଥ୍ କେୟାରର ସଚେତନତା ପଦଯାତ୍ରା

## ଆର୍ଥ୍ରାଇଟିସ୍‌ର ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧ ୨।୧ ୦(ପ୍ରବାହ ନ୍ୟୁଜ): ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ଅବସରରେ ଆର୍ଥ୍ରାଇଟିସ୍ ତଥା ଆଣ୍ଠୁଗଣ୍ଠି ଜନିତ ରୋଗ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଆଞ୍ଜେଲ ହେଲଥ୍ କେୟାର ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ଆର୍ଥ୍ରାଇଟିସ୍ ?ର କାରଣ, ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଡା. ଅଜିତ କୁମାର ସୁରିନଙ୍କ ଅଧ୍ୟକ୍ଷତାରେ ଆଞ୍ଜେଲ ହେଲଥ୍ କେୟାର ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଡା. ସୁରିନ୍ ଆର୍ଥ୍ରାଇଟିସ୍ ରୋଗ ସମ୍ପର୍କରେ



ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ଆଣ୍ଠୁ ଓ ଗଣ୍ଠିଜନିତ ସମସ୍ୟାରୁ କିପରି ନିଜକୁ ସୁରକ୍ଷିତ ରଖିହେବ, ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଆର୍ଥ୍ରାଇଟିସ୍‌ର ବିଭିନ୍ନ କାରଣ, ପ୍ରାରମ୍ଭିକ ଲକ୍ଷଣ, ନିରାକରଣ ଓ ଆବଶ୍ୟକ ଚିକିତ୍ସା ପଦ୍ଧତି ସମ୍ପର୍କରେ ମଧ୍ୟ ସେ ବୁଝାଇଥିଲେ। ରୋଗକୁ ଅଣଦେଖା ନକରି ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ଗ୍ରହଣ କଲେ ରୋଗୀଙ୍କୁ ଅନେକ ମାତ୍ରାରେ ଉପଶମ ମିଳିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲର ବହୁ ବରିଷ୍ଠ ନର୍ସ ମଧ୍ୟ ଯୋଗଦେଇ ଆର୍ଥ୍ରାଇଟିସ୍ ସମ୍ପର୍କରେ ନିଜ ମତ ଓ ଅଭିଜ୍ଞତା ପ୍ରଦାନ କରିଥିଲେ। ଆର୍ଥ୍ରାଇଟିସ୍ ରୋଗର ଲକ୍ଷଣକୁ ଶୀଘ୍ର ଚିହ୍ନଟ କରି ସମୟୋଚିତ ଚିକିତ୍ସା କରାଇଲେ ରୋଗୀଙ୍କ ଜୀବନଯାପନରେ ଉନ୍ନତି ଆସିବା ସହ ଯନ୍ତ୍ରଣା ଓ ଅସୁବିଧାକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ସଚେତନ କରାଯାଇଥିଲା। ଆର୍ଥ୍ରାଇଟିସ୍‌କୁ ନେଇ ସଚେତନତା ବୃଦ୍ଧି, ଶୀଘ୍ର ଚିହ୍ନଟ ଓ ସଠିକ୍ ଚିକିତ୍ସା ଗ୍ରହଣ ଉପରେ ଗୁରୁତ୍ୱ ଦେଇ ଆଞ୍ଜେଲ ହେଲଥ୍ କେୟାରର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

## ମହୋତ୍ସବ ପାଳନ ଅବସରରେ ନିର୍ବାଚନୀ ମଣ୍ଡଳୀ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା

ବାଙ୍କୀ, ୧ ୨।୧ ୦(ପ୍ରବାହ ନ୍ୟୁଜ): ଚଳିତବର୍ଷ ବାଙ୍କୀ ମହୋତ୍ସବ ପାଳନ ଅବସରରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଡମପଡ଼ା ବ୍ଲକ ଅନ୍ତର୍ଗତ ବାଘୁଆ ଗ୍ରାମର ଖେଳପଡିଆ ଠାରେ ବାଙ୍କୀ ଆଥେଲେଟିକ୍ ଅସୋସିଏସନ୍ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ବିଧାୟକ ତଥା ବାଙ୍କୀ ମହୋତ୍ସବ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଉଦ୍ ?ଘାଟନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ୮ଗୋଟି ଦଳ ଯଥା ବେଲଗୋଛିଆ, ଗୋଠପୁର, ବାଘୁଆ, ଜୟପୁର, ପଦନପୁର, ପଣ୍ଡାଳମ, ତଳଢ଼ୋଲକାଠ, ଉପରଢ଼ୋଲକାଠ ପ୍ରଭୃତି ଦଳ ଭାଗନେଇଥିଲେ । ଫାଇନାଲ୍ ଖେଳ ପଣ୍ଡାଳମ ଓ ବାଘୁଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଅମିମାଂସିତ ହେବାରୁ ଟ୍ରାଇବ୍ରେକ୍ ଜରିଆରେ ବାଘୁଆ



ଦଳ ବିଜୟ ହାସଲ କରିଥିଲା । ବାଙ୍କୀ ଆଥେଲେଟିକ୍ ଆସୋସିଏସନର ସାଧାରଣ ସଂପାଦକ ସନ୍ତୋଷ କୁମାର ରଣା, ମହୋତ୍ସବ ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ, ଉପସଭାପତି ସନାତନ ବେହେରା, ଭାଗୀରଥି ବିଶ୍ୱାଳ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ଆଶୋକ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ପ୍ରତିଯୋଗିତାକୁ କ୍ରୀଡାଶିକ୍ଷକ କୃପାସିନ୍ଧୁ ପ୍ରଧାନ, ପ୍ରେମାନନ୍ଦ ସ୍ୱାଇଁ, ଅମୀୟ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ମହୋତ୍ସବ ଅବସରରେ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରାଯିବ ବୋଲି ମହୋତ୍ସବ ସଂପାଦକ ଡକ୍ଟର ସ୍ୱାଇଁ ପ୍ରକାଶ କରିଛନ୍ତି ।

### ମସଲା ଗୁଣ୍ଡ ଅପମିଶ୍ରଣ ରାକେଟ୍ ଠାବ

## ୫ ହଜାର କେଜିରୁ ଅଧିକ ମସଲା ଜବତ

ବ୍ରହ୍ମପୁର, ୧ ୨।୧ ୦(ପ୍ରବାହ ନ୍ୟୁଜ): ବ୍ରହ୍ମପୁର ସହରରେ ନକଲି ହଳଦୀ ଓ ଲଙ୍କା ଗୁଣ୍ଡ ପ୍ରସ୍ତୁତ କରି ବିକ୍ରି କରାଯାଉଥିବା ଏକ ଅପମିଶ୍ରଣ ରାକେଟ୍‌ର ପର୍ଦ୍ଦାଫାସ କରିଛି ବଡ଼ବଜାର ଥାନା ପୋଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଇ. କୋଟେଶ୍ୱର ପାତ୍ର (୪୦)ଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ବିପୁଳ ପରିମାଣର ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ରାସାୟନିକ ରଙ୍ଗ ଓ ଅପମିଶ୍ରଣରେ ବ୍ୟବହୃତ ଯନ୍ତ୍ରପାତି ଜବତ ହୋଇଛି ।ପୋଲିସ ସୂଚନା ଅନୁଯାୟୀ, ଅକ୍ଟୋବର ୧୧ ତାରିଖରେ ବଡ଼ବଜାର ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଲକ୍ଷ୍ମୀନୃସିଂହ ସାହିର ସପ୍ତମ ଲାଇନ୍ ଏକ୍ସଟେନ୍ସନ୍ ?ରେ ଥିବା ଏକ ମସଲା ପ୍ରକ୍ରିୟାକରଣ କାରଖାନାରେ ଚଢ଼ାଉ କରିଥିଲା। ଏହି କାରଖାନାଟି ସତ୍ୟବାନ



ସାହୁଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଚଢ଼ାଉ ବେଳେ ଖୋଲା ହଳଦୀ ଗୁଣ୍ଡ ଚଟାଣରେ ପଡ଼ିଥିବା ସହ ବିଭିନ୍ନ ପ୍ଲାଷ୍ଟିକ୍ ବ୍ୟାଗରେ ମସଲା ଗୁଣ୍ଡ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସର ପଚରାଉଚରାରୁ ଜଣାପଡ଼ିଛି ଯେ, ବଡ଼ବଜାର ମଦନମୋହନ ନଗରର ବାସିନ୍ଦା କୋଟେଶ୍ୱର ପାତ୍ର କଞ୍ଚାମାଲ, ଅପମିଶ୍ରଣ ସାମଗ୍ରୀ ଓ କୃତ୍ରିମ ରଙ୍ଗ ଯୋଗାଉଥିଲେ। ମିଲିଂ ମେସିନ୍ ସାହାଯ୍ୟରେ ଏହାକୁ ମିଶାଇ ୩୦ ଓ ୫୦ କିଲୋଗ୍ରାମ୍ ବସ୍ତାରେ ଭର୍ତ୍ତି କରାଯାଉଥିଲା। ପରେ ଛୋଟ ପ୍ୟାକେଟ୍‌ରେ ଭର୍ତ୍ତି କରି ବ୍ରହ୍ମପୁର ଓ ଆଖପାଖ ଅଞ୍ଚଳରେ ବିକ୍ରି କରାଯାଉଥିବା ପୋଲିସ କହିଛି। ଏହି ଘଟଣାରେ ସତ୍ୟବାନ ସାହୁ (୫୮), ମୁରଲୀଧର ସାହୁ (୩୧) ଓ ମନୋଜ ରାୟ (୪୦)ଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ଚଢ଼ାଉ ସମୟରେ ପ୍ରାୟ ୧୫୦୦ କିଲୋଗ୍ରାମ୍ ଖୋଲା ହଳଦୀ ଗୁଣ୍ଡ, ୨୪୦୦ କିଲୋଗ୍ରାମ୍ ହଳଦୀ, ୧୭୨୦ କିଲୋଗ୍ରାମ୍ ଲଙ୍କା ଗୁଣ୍ଡ ଏବଂ ୧୭୨୮ କିଲୋଗ୍ରାମ୍ ଇଗଲ୍ ବ୍ରାଣ୍ଡର ଅଦା-ରସୁଣ ପେଷ୍ଟ ଜବତ କରାଯାଇଛି। ଏଥିସହ ୨୦ଟି ପ୍ୟାକେଟ୍ ରାସାୟନିକ ଖାଦ୍ୟ ରଙ୍ଗ, ୪୦ କିଲୋଗ୍ରାମ୍ ରଙ୍ଗ ଥିବା ଏକ ଡ୍ରମ୍, ୮ଟି ମିଲିଂ ମେସିନ୍, ୬ଟି ହାତଚାଳିତ ପ୍ୟାକିଂ ମେସିନ୍ ଓ ଗୋଟିଏ ଓଜନ ମେସିନ୍ ଜବତ ହୋଇଛି। ପୋଲିସର ତଥ୍ୟ ଯାଞ୍ଚରୁ ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଠକେଇ, କପିରାଇଟ୍ ଓ ଟ୍ରେଡ୍‌ମାର୍କ ଉଲ୍ଲଂଘନ ଏବଂ ଖାଦ୍ୟ ସୁରକ୍ଷା ସମ୍ପର୍କିତ ମାମଲା ଥିବା ଜଣାପଡ଼ିଛି। ଏନେଇ ବଡ଼ବଜାର ଥାନାରେ ୧୧ ତାରିଖରେ ମାମଲା ନଂ ୭୭୫ ରୁଜୁ ହୋଇଛି। ବିଭିନ୍ନ ଧାରା ସହ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପରେ ଅଦାଲତରେ ହାଜର କରାଯାଇଛି। ଜବତ ସାମଗ୍ରୀର ନମୁନା ରାସାୟନିକ ପରୀକ୍ଷା ପାଇଁ ଖାଦ୍ୟ ପରୀକ୍ଷାଗାରକୁ ପଠାଯାଇଛି। ଏହି ଅପମିଶ୍ରଣ ରାକେଟ୍‌ର ବିତରଣ ନେଟୱର୍କ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସର ତଦନ୍ତ ଜାରି ରହିଛି।

## ଚିତ୍ରକୋଣ୍ଡାରେ ଜନ ଅଭିଯୋଗ ଶୁଣାଣି, ୫୧ ଅଭିଯୋଗରୁ ୩ଟିର ତତ୍କାଳ ସମାଧାନ




ମାଲକାନଗିରି, ୧ ୨।୧ ୦(ପ୍ରବାହ ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଶିବିରରେ ମୋଟ ୫୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ହୋଇଥିବା ବେଳେ ୨୮ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ଏଥିମଧ୍ୟରୁ ୩ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ୪୮ଟି ଅଭିଯୋଗର ଆବଶ୍ୟକ ତଦନ୍ତ ଓ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ଶିବିରରେ ଗ୍ରାମୀଣ ଗୃହ ନିର୍ମାଣ, ପାନୀୟ ଜଳ ଯୋଗାଣ, ଗମନାଗମନ, ସାମାଜିକ ସୁରକ୍ଷା ଭତ୍ତା ଏବଂ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କିତ ଅଭିଯୋଗ ଓ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

### ଉକ୍‌ଲା ପଞ୍ଚାୟତରେ ଡଷ୍ଟବିନ ବଣ୍ଟନ ଜାରି

## ସ୍ୱଚ୍ଛ ପରିବେଶ ଗଠନ ପାଇଁ ସରପଞ୍ଚ ମଧୁପ୍ରିୟା ପଣ୍ଡାଙ୍କ ପଦକ୍ଷେପ

କଳାହାଣ୍ଡି, ୧ ୨/୧ ୦ (ପ୍ରବାହ ନ୍ୟୁଜ): ଗାଁର ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉକଲୋ ଗ୍ରାମପଞ୍ଚାୟତରେ ଡଷ୍ଟବିନ ବଣ୍ଟନ କାର୍ଯ୍ୟ ଜାରି ରହିଛି। ପଞ୍ଚାୟତର ସରପଞ୍ଚ ମଧୁପ୍ରିୟା ପଣ୍ଡାଙ୍କ ପଦକ୍ଷେପ ଓ ନେତୃତ୍ୱରେ ଏହି କାର୍ଯ୍ୟ ଚାଲିଛି। ପଞ୍ଚାୟତର ବିଭିନ୍ନ ୱାର୍ଡରେ ପର୍ଯ୍ୟାୟକ୍ରମେ ଡଷ୍ଟବିନ ବଣ୍ଟନ କରାଯାଉଥିବାବେଳେ ଅବଶିଷ୍ଟ ୱାର୍ଡଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ। ଘରର ଅଳିଆ ଆବର୍ଜନା ରାସ୍ତାଘାଟ କିମ୍ବା ଖୋଲା ସ୍ଥାନରେ ନ ପକାଇ ଡଷ୍ଟବିନରେ ରଖିବାକୁ ସରପଞ୍ଚ ମଧୁପ୍ରିୟା ପଣ୍ଡା ମହିଳାମାନଙ୍କୁ ସଚେତନ କରିଛନ୍ତି। ଏଥିସହ ନିଜ ଘର, ଗାଁ ଓ ଆଖପାଖ ପରିବେଶକୁ ସଫାସୁତୁରା ରଖିବା ପାଇଁ ସମସ୍ତେ ସାମୂହିକ ଭାବେ ଉଦ୍ୟମ




କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସରପଞ୍ଚଙ୍କ ସୂଚନା ଅନୁଯାୟୀ, ଆଜି କେତେକ ୱାର୍ଡରେ ଡଷ୍ଟବିନ ବଣ୍ଟନ କରାଯାଇଥିବାବେଳେ ଆସନ୍ତାକାଲି ପଞ୍ଚାୟତର ଅବଶିଷ୍ଟ ଅଞ୍ଚଳରେ ଏହି କାର୍ଯ୍ୟ ଶେଷ କରିବାକୁ ଯୋଜନା ରହିଛି। ଏହି ପଦକ୍ଷେପ ଦ୍ୱାରା ଗ୍ରାମାଞ୍ଚଳରେ ସ୍ୱଚ୍ଛତା ବୃଦ୍ଧି ପାଇବା ସହ ଅଳିଆ ଆବର୍ଜନାର ସୁପରିଚାଳନା ହୋଇପାରିବ ଏବଂ ଲୋକଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ସଚେତନତା ବଢ଼ିବ ବୋଲି ଆଶା କରାଯାଉଛି। ସରପଞ୍ଚ ମଧୁପ୍ରିୟା ପଣ୍ଡାଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

## ହରଭଙ୍ଗା ବ୍ଲକରେ ସେବା ସଂକଳ୍ପ ସେତୁ ଅଭିଯାନ ଅନୁଷ୍ଠିତ

ବୌଦ୍ଧ, ୧ ୨।୧ ୦(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମୁଖ୍ୟାଳୟ ଚାରିଛକଠାରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ସେବା ସଂକଳ୍ପ ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ , ସାଂସଦଙ୍କ ପ୍ରତିନିଧି ସୁଭାଷ ଚନ୍ଦ୍ର ପ୍ରଧାନ, ବିଡିଓ କର୍ଣ୍ଣ ସୁନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଭୀମଭୋଇ ସାମର୍ଥ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ସେବା ସଂକଳ୍ପ ସେତୁ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଯୋଜନା ଓ ଜନକଲ୍ୟାଣକାରୀ



ସେବାଗୁଡ଼ିକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ସମର୍ପଣ ଭାବନାର ସହ କାର୍ଯ୍ୟ କରି ତୃଣମୂଳ ସ୍ତରରେ ଥିବା ଲୋକଙ୍କ ଦ୍ୱାରଦେଶରେ ସରକାରୀ ସେବା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅଧୀନରେ ହିତାଧିକାରୀ ମାନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଲକ୍ଷାଧିକ ଟଙ୍କାର ଅନୁଦାନ, ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ଶ୍ରମିକମାନଙ୍କୁ ଲେବର କାର୍ଡ, ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ସାଇକେଲ, ବସ୍ ପାସ୍ ଓ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଦି ଯୋଗାଇ ଦିଆଯାଇଥିଲା। ଏଥିସହ ଶ୍ରମ ବିଭାଗ ପକ୍ଷରୁ ତିନିଜଣ ମୃତ ଶ୍ରମିକଙ୍କ ନୋମିନୀଙ୍କୁ ଜଣପିଛା ୩ ଲକ୍ଷ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଶ୍ରମିକ ଓ ସାଧାରଣ ଜନତା ଯୋଗଦେଇ ବିଭିନ୍ନ ସରକାରୀ ସେବା ଓ ଯୋଜନାର ସୁଫଳ ପାଇଥିଲେ। ସେବା ସଂକଳ୍ପ ସେତୁ ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସରକାରୀ ସେବା ପ୍ରଦାନ ଏବଂ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସୁନିଶ୍ଚିତ କରିବା ଦିଗରେ ଜିଲ୍ଲା ପ୍ରଶାସନର ପ୍ରୟାସକୁ ଆହୁରି ସୁଦୃଢ଼ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।






## ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର
# ୩୮ଟି ଅଭିଯୋଗ ଗ୍ରହଣ, ଗୋଟିଏ ଅଭିଯୋଗର ସ୍ଥଳରେ ତତ୍କାଳ ସମାଧାନ



ନବରଙ୍ଗପୁର,୧୨।୧୦(ପ୍ରବାହ ନ୍ୟୁଜ): ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଏବଂ ସମୟବଦ୍ଧ ନିରାକରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଶିବିରରେ ସର୍ବମୋଟ ୩୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ଗୋଟିଏର ତତ୍କାଳ ସମାଧାନ କରାଯାଇଥିବାବେଳେ ରେଡ୍ ?କ୍ରସ୍ ପାଣ୍ଠି ସମ୍ପର୍କିତ ଗୋଟିଏ ମାମଲା ମଧ୍ୟ ଗ୍ରହଣ କରାଯାଇଥିଲା। ଶିବିରରେ ଉପସ୍ଥାପିତ ପ୍ରତ୍ୟେକ ଅଭିଯୋଗର ପ୍ରକୃତି, ଗୁରୁତ୍ୱ ଓ ସମ୍ପୃକ୍ତ ତଥ୍ୟକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ଅଭିଯୋଗଗୁଡ଼ିକର ଉପଯୁକ୍ତ ଯାଞ୍ଚ କରି ପ୍ରଚଳିତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ନିଜର ବ୍ୟକ୍ତିଗତ, ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କରେ ପ୍ରଶାସନ ନିକଟରେ ସିଧାସଳଖ ଅଭିଯୋଗ ଉପସ୍ଥାପନ କରିବାର ସୁଯୋଗ ପାଉଛନ୍ତି । ଲୋକଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବା, ସମସ୍ୟାର ତ୍ୱରିତ ଓ ସମୟୋଚିତ ସମାଧାନ କରିବା ସହ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଦିଗରେ ଏପରି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଜନସାଧାରଣଙ୍କ ଅଭିଯୋଗର ନିରପେକ୍ଷ, ତ୍ୱରିତ ଓ ପ୍ରଭାବଶାଳୀ ନିରାକରଣ ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିବଦ୍ଧ।

# ୨ ନଂ ଜୋନରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା



ଆଠଗଡ, ,୧୨।୧୦(ପ୍ରବାହ ନ୍ୟୁଜ): ଆଠଗଡ ବ୍ଲକ ଅନ୍ତର୍ଗତ ୨ ନମ୍ବର ଜୋନର ଗୁରୁଡିଝାଟିଆ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରା ଛୋଟିଆମ୍ବ ଗ୍ରାମ ଠାରୁ ଆରମ୍ଭ ହୋଇ ଗୁରୁଡିଝାଟିଆ, କୋତର ଗ୍ରାମ ପରିଭ୍ରମଣ କରି ଗୋବରା ପଞ୍ଚାୟତର ଶିବ ମନ୍ଦିର ଠାରେ ଶେଷ ହୋଇଥିଲା । ଏହି ପଦଯାତ୍ରାରେ ବିଜେଡି ଯୁବନେତା ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇ ପ୍ରଥପ୍ରାନ୍ତ ସଭାରେ ବିଜେପି ସରକାର ଲୋକଙ୍କର ମୌଳିକ ସୁବିଧା ସୁଯୋଗ ପହଁଞ୍ଚାଇ ପାରୁନଥିବା ଅଭିଯୋଗ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ୨ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ମିନତୀ ଗାଗରାଇ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ ଆଚାର୍ଯ୍ୟ, ଗୁରୁଡିଝାଟିଆ ସରପଞ୍ଚ ବୈଜୟନ୍ତୀ ଦଳେଇ, ସମିତି ସଭ୍ୟ ଶ୍ୟାମ ମେଲଗାଛି, ଛଅଗାଁ ସରପଞ୍ଚ ତୁଷାର ସାହୁ, ସମିତି ସଭ୍ୟ କାର୍ତ୍ତିକ ରାଉତ, ଗୋବରା ସରପଞ୍ଚ ପ୍ରଭାତ ଥାଟୋଇ,କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାସ, ଭୋଗରା ସରପଞ୍ଚ ଅଜିତ କୁମାର ଦାସ, ନାରିନେତ୍ରୀ ମିତାଲି ରାଉତ, ପ୍ରଣତୀ ନାୟକ, ଲୋଚନୀ ଦାସ, ଡାଳଭାଗ ସମିତି ସଭ୍ୟ ବିଷ୍ଣୁପ୍ରସାଦ ନାୟକ, ବିଧାନ ଚନ୍ଦ୍ର ସ୍ୱାଇଁ, ସନ୍ତୋଷ କୁମାର ସାହୁ , ଖୁଣ୍ଟୁଣୀ ବିଜେଡି ସଭାପତି ଗଗନ ବିହାରୀ ପ୍ରଧାନ, କୁଷ୍ଣଙ୍ଗି ସରପଞ୍ଚ ରତ୍ନପ୍ରଭା ରାଉତ, ଯୁବନେତା ଆଶୁତୋଷ କର, ଶ୍ରୀମନ୍ତ ନାୟକ, ହୃଦାନନ୍ଦ ସାହାଣୀ, ସନାତନ ଦଳେଇ, ଗଗନ ବିହାରୀ ପରିଡା, ନୃସିଂହ ଚରଣ ସାହୁ, ରାଜୀବ ଲୋଚନ ଦାସ, ଛାତ୍ରନେତା ଯନ୍ମଜୟ ଦାସ, ସମ୍ବିତ ଦଳେଇ, ଦୀପକ ବଳ, ଦୀପକ ପାଡୀ, ଦିନେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଦାଣ୍ଡିଆ ନାଇଟ୍-ସୋରେ ଝୁମିଲେ ଦର୍ଶକ



ଛତ୍ରପୁର,୧୨।୧୦(ପ୍ରବାହ ନ୍ୟୁଜ): ଛତ୍ରପୁରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଡ୍ରିମ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଦାଣ୍ଡିଆ ନାଇଟ୍ ସୋ ଆୟୋଜିତ ହୋଯାଇଅଛି । ଡ୍ରିମ୍ ଡ୍ୟାନ୍ସ ଏକାଡେମୀ ର ନିର୍ଦ୍ଦେଶକ ପୂର୍ଣ୍ଣଜୟ ଜେନା ଙ୍କ ପରିଚାଳନାରେ ଏହି ଦାଣ୍ଡିଆ ନାଇଟ୍ ସୋ ରେ ପ୍ରାୟ ୧୨ ଶହ ମହିଳା ଏବଂ ୪୦ ରୁ ଉର୍ଦ୍ଧ୍ୱ ପୁରୁଷ ବନ୍ଧୁ ଅଂଶଗ୍ରହଣ କରି ଅଗଣିତ ଦର୍ଶକଙ୍କୁ ବିମୋହିତ କରିଦେଇଥିଲେ ।

ଯୁବକ-ଯୁବତୀ ଓ ମହିଳା ମାନେ ଭିନ୍ନ ଭିନ୍ନ ଧରଣର ରଙ୍ଗବେରଙ୍ଗ ପୋଷାକ ଓ ଶାଢ଼ି, ଲେହାଙ୍ଗା ପରିଧାନ କରି ଦାଣ୍ଡିଆ ନୃତ୍ୟରେ ସାମିଲ ହୋଇ ଆଧୁନିକ ଡିଜେ ଯନ୍ତ୍ର ଶ୍ୱବ୍ଦ ଧ୍ୱନିରେ ପରସ୍ପର ନାଚି ନାଚି ଝୁମିଲେ ।

ଏଥିରେ ଯୁବପୀଢ଼ିଙ୍କୁ ଅସୁମାରୀ ଉତ୍ସାହ ଆନନ୍ଦ ଦେଇଥିଲା । ଏକ ରଙ୍ଗିନ ଉତ୍ସବସ୍ଥଳୀରେ ପବିତ୍ର ଶାରଦୀୟ ନବରାତ୍ରୀ ପର୍ବ ପାଳନ ପ୍ରଥମ ରଜନୀ ଅବସରରେ ଆୟୋଜିତ ଦାଣ୍ଡିଆ ନାଇଟ୍ ସୋ- ଛତ୍ରପୁର ପୌରାଞ୍ଚଳ କୁ ଆଶ୍ଚର୍ଯ୍ୟ କରିଥିଲା ।

ବିଗତ ବର୍ଷ ପରି ଚଳିତ ବର୍ଷ ମଧ ସମାହିତ ହୋଇ ଥିବା ଦାଣ୍ଡିଆ ନାଇଟ୍ ସୋ ଖୁବ୍ ଆଡ଼ମ୍ବର ପୂର୍ଣ୍ଣ ଥିଲା । ସର୍ଭିଏ ପୁଣି ଆଗମୀ ବର୍ଷ ପାଇଁ ଭେଟିବା ଆଶା କରିଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଦାଣ୍ଡିଆ ନାଇଟ୍-ସୋ ର ଶୁଭାରମ୍ଭ କରିଥିଲେ।

ସମାଜସେବା ଦୀପକ ମୁଦୁଲି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ର ଆୟୋଜକ ଓ ଉଦ୍ୟୋକ୍ତାଙ୍କୁ ସାଧୁବାଦ ଜଣାଇଥିଲେ ।

ଶଙ୍କର ଚକ୍ଷୁ ଚିକିତ୍ସାଳୟ ର ଉପଦେଷ୍ଟା ବି.ଶ୍ରୀନିବାସ, ଶଙ୍କର ଚକ୍ଷୁ ଚିକିତ୍ସାଳୟ ର ସିଇଓ ଏସ. ଆନନ୍ଦ ରମଣ, ମେଡିକାଲ ଡାଇରେକ୍ଟର ସ୍ମିତାକ୍ରିଷ୍ଣା ମୂର୍ତ୍ତି, ଅପରେସନ ମ୍ୟାନଜର ଦେବାଶିଷ ଦାଶ, ୟୁଥ୍ ମାସ ସେବା ସଂଘ ର ସମ୍ପାଦକ ସୟେଦ ମୁକ୍ତାର, ଯୁବ ଜ୍ୟୋତିଷ ଶାସ୍ତ୍ରବିତ୍ ଦୀପକ କୁମାର ଦାଶ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମର ସାଫଲ୍ୟ ମଣ୍ଡିତ କରିଥିଲେ।

# ନବରାତ୍ର ଦୁର୍ଗାପୂଜା : ଭବ୍ୟ ପୂଜାମଣ୍ଡପ, ଆକର୍ଷକ ପ୍ରତିମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ପାଟଣାଗଡ଼ ୧୨/୧୦ (ପ୍ରବାହ ନ୍ୟୁଜ) : ଭବ୍ୟ ପୂଜାମଣ୍ଡପ ଓ ମାଆଙ୍କ ଆକର୍ଷକ ପ୍ରତିମା ପାଟଣାଗଡ଼ର କଲେଜ ଛକଠାରେ ନବରାତ୍ର ଦୁର୍ଗାପୂଜା ଅବସରରେ ଏକ ଭବ୍ୟ ପୂଜାମଣ୍ଡପ ଓ ମାଆଙ୍କ ଆକର୍ଷକ ପ୍ରତିମା ଏବଂ ଆକର୍ଷକ ତୋରଣ ତଥା ପୂଜାମଣ୍ଡପ ନିର୍ମାଣ କରାଯାଇଛି । ଏହି ମଣ୍ଡପଟିର ବାହାର ପାଖକୁ ନାରଙ୍ଗୀ ରଙ୍ଗର କପଡ଼ା ଏବଂ ସୁନ୍ଦର କାରୁକାର୍ଯ୍ୟରେ ସଜାଯାଇଛି, ଯାହା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି। ମଣ୍ଡପ ଭିତରେ ମାଆ ଦୁର୍ଗା ସିଂହାବାହିନୀ ରୂପରେ ମହିଷାସୁରକୁ ବଧ କରୁଥିବା ଦୃଶ୍ୟ ଅତି ସୁନ୍ଦର ଭାବରେ ପ୍ରତିଷ୍ଠିତ ହୋଇଛି କ୍ଷ ?ମାଆଙ୍କ ପଛପଟେ ଜଗନ୍ନାଥ ସଂସ୍କୃତିର ପ୍ରତିଫଳନ ଏବଂ ଚାରିପଟେ ଝୁଲୁଥିବା ଆଲୋକମାଳା ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରୁଛି । ଏହି ଉତ୍ସବ ଅବସରରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି, ଯାହା ଦର୍ଶକଙ୍କ ମନ ମୋହୁଛି ।ପାଟଣାଗଡ଼ ସହରରେ ଏହି ନବରାତ୍ର ପୂଜାକୁ ନେଇ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଓ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। କଲେଜ ଛକର ଏହି ପୂଜାମଣ୍ଡପକୁ ଦର୍ଶନ କରିବା ପାଇଁ ଆଖପାଖ ଗ୍ରାମ ଓ ସହରରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କର ପ୍ରବଳ ଭିଡ଼ ଜମୁଛି। ମାଆଙ୍କ ଦର୍ଶନ ପାଇଁ ଧାଡ଼ିରେ ଠିଆ ହୋଇ ଭକ୍ତମାନେ ଶୃଙ୍ଖଳିତ ଭାବରେ ପୂଜାର୍ଚ୍ଚନା କରୁଛନ୍ତି। ?ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ସହିତ ନାମୀଦାମୀ କଳାକାରମାନେ ଅଂଶଗ୍ରହଣ କରି ସଙ୍ଗୀତ, ନୃତ୍ୟ ଏବଂ ନାଟକ ପରିବେଷଣ କରୁଛନ୍ତି। ମାଆଙ୍କ ଆବାହନ ଓ ଆଳତି ସମୟରେ ପୂଜାମଣ୍ଡପ ପ୍ରାଙ୍ଗଣ ଘଣ୍ଟ, ଘଣ୍ଟା, ଶଙ୍ଖ ଏବଂ ଧୂପର ସୁଗନ୍ଧରେ ମହକି ଉଠୁଛି। ଆଲୋକସଜ୍ଜାର ଝଲକରେ ସମଗ୍ର କଲେଜ ଛକ ଅଞ୍ଚଳ ଜକମକ ହୋଇ ଉଠିଛି ଏବଂ ପିଲାଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ସମସ୍ତେ ଏହି ଉତ୍ସବକୁ ମନଭରି ଉପଭୋଗ କରୁଛନ୍ତି।

# ଗାଈଗରୁଙ୍କୁ ଚୁକ୍ତି ଅନୁଯାୟୀ ଥଇଥାନ ଥଇଥାନ କେବେ



ଫୁଲବାଣୀ,୧୨।୧୦(ପ୍ରବାହ ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା ର ହଜାର ହଜାର ବୁଲା ଗାଇ ଥଇଥାନ ପାଇଁ ଯେଉଁ ପଦକ୍ଷେପ ନିଆ ଯାଉଛି ତାହା ସଫଳ ହେଉ ନାହିଁ! ଗାଇଗରୁ ଙ୍କୁ ନେଇ ସହର ବାହାରକୁ ମୁନିସିପାଲିଟି ଛାଡିଲେ ବି ଦୁଇଦିନପରେ ଗାଇ ସହରକୁ ଫେରି ଆସୁଛି! ଗୋଟାଏ ଲୋକ ନିୟୋଜିତ ହେଇ ଖାସ ଗାଇଘଉଡ଼ାଇବା ପାଇଁ ବାର୍ଷିକ ୫୪ ହଜାର ଟଙ୍କା ନେଇ କାମ କରୁଥିଲେବି ଗୋଟିଏ ସାହିରୁ ଅନ୍ୟ ସାହିକୁ ଚାଲି ଯାଉଛନ୍ତି! ସଫଳ ନ ହେବାରୁ ଏହିସମସ୍ୟା କୁ ଦୂର କରିବା ପାଇଁ ସଙ୍କରା ଖୋଲ ସ୍ଥିତ ଗାଇ ଗୁହାଳ ତଥା ଗାଇ ଫାର୍ମ 'ସମ୍ପର୍କ ' ସହ ମୁନିସିପାଲିଟି ଚୁକ୍ତି କରିଛି! ଫୁଲବାଣୀ ସହର ର ର ସବୁ ବୁଲା ଗାଇକୁ ରଖିବା, ଖାଇବାକୁ ଦେବା ଓ ସେମାନଙ୍କର ଯତ୍ନ ନେବା ନେଇ ଚୁକ୍ତି ହୋଇଥିଲା! ପ୍ରଣୀ ବିଭାଗ ଗାଇ ଗରୁ ରଖିବା ଓ ଫାର୍ମିଙ୍ଗ ପାଇଁ ୧୮ ଲକ୍ଷ ଟଙ୍କା ମଂଜୁର କରିଥିଲେ! ଗୁହାଳ ଘର ଓ ହତା ନିର୍ମିତ ହୋଇଛି! ତେବେ ଚୁକ୍ତି ହେବାର ତିନିମାସ ବିତିଯାଇଥିଲେ ମଧ୍ୟ ଫୁଲବାଣୀର ବୁଲା ଅମାନିଆ ଗାଇକୁ ନେଇ ମୁନିସିପାଲିଟି ଶଙ୍କରାଖୋଲ ର ସମ୍ପର୍କ ଗୋଶାଳା ଓ ଫାର୍ମ ରେ ଛାଡି ବା କଥା କିନ୍ତୁ ଏଯାଏଁ ଛଡା ଗଲା ନାହିଁ! ବିଳମ୍ବର ରହସ୍ୟ ଜଣା ପଡୁନାହିଁ! ଫଳରେ ଫୁଲବାଣୀ ରେ ଟ୍ରାଫିକ ସମସ୍ୟା ଉତ୍କଟ ହେବାରେ ଲାଗିଛି! ଗାଈଗରୁ ସହର ର ୩୦ ଟି ଛକରେ ଓ ଗଳି କନ୍ଦିରେ ଘୁରି ବୁଲି ଲୋକଙ୍କୁ ମାରୁଛନ୍ତି ଓ ମୁକୁଳା ଡ୍ରେନରେ ପଡୁଛନ୍ତି! ଗାଈଗରୁ କୁ ତୁରନ୍ତ ଶଙ୍କରାଖୋଲ ସ୍ଥାନାନ୍ତର କରାଯିବାକୁ କ୍ଷିପ୍ର ନ୍ୟାୟିକ ମଞ୍ଚ ଓ ଅନ୍ୟାନ୍ୟ ସମାଜ ସେବୀ ଅନୁଷ୍ଠାନ ଜିଲ୍ଲା ପାଳଙ୍କ ଠାରେ ଦାବୀ କରିବେ ବୋଲି ପ୍ରତିଷ୍ଠାତା ସଭ୍ୟ ଏମ ଡି ଜିଆଉଦ୍ଦିନ,, ସଭାପତି ସନ୍ତୋଷ କୁମାର ଡିଗଲ, ସମ୍ପାଦକ ତଥା ଆଇନଜୀବୀ ତୁଷାର କାନ୍ତ ନାୟକ, ପୂର୍ବତନ ସରକାରୀ ଓକିଲ ସୌମେନ୍ଦ୍ର କୁମାର ସାହୁ, ବିଶିଷ୍ଟ ସମାଜ ସେବୀ ଅଶୋକ କୁମାର ପରିଡା ପ୍ରକାଶ କରିଛନ୍ତି।

# ଜୁନାଗଡଠାରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର



କଳାହାଣ୍ଡି ୧୨/୧୦( ପ୍ରବାହ ନ୍ୟୁଜ): ଭବାନୀପାଟଣାତା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି ଜୁନାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ତନ୍ମୟ କୁମାର ଦରଓ୍ୱାନ ଏବଂ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଭର କୋଣ୍ଡା ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣୀ ଶିବିର ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଭର୍ଷିତା ଆଦିକ୍ୟୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଆଜିର ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା ।ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୪ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା।

# ପୋଖରୀରେ ବୁଡି ନାବାଳକ ମୃତ



ପାରଳାଖେମୁଣ୍ଡି,୧୨।୧୦(ପ୍ରବାହ ନ୍ୟୁଜ): ପୋଖରୀରେ ବୁଡ଼ି ଜଣେ ନାବାଳକର ଶୋଚନୀୟ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା କଦମଚୁଆଁ ଗ୍ରାମରେ ଓ ମୃତ ନାବାଳକ ଜଣକ ହେଲେ ଆର.ଉଦୟଗିରି ଥାନା ତାବରଡା ଗ୍ରାମର ମୁନା ବେହେର ଦଳାଇଙ୍କ ୫ ବର୍ଷ ର ପୁଅ ବିଦ୍ୟାଶ ବେହେରା ଦଳାଇ । ସୂଚନା ମୁତାବକ ମୁନା ବେହେର ଦଳାଇ ଓ ପତ୍ନୀ ଅଚୁସ୍ମିତା କଦମଚୁଆ ଗ୍ରାମରେ ଦୀର୍ଘ ବର୍ଷ ହେବ ରହି ଆସୁଛନ୍ତି । ମୃତ ନାବାଳକ ଚାନ୍ଦିପୁଟ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଥିଲେ। ଗତକାଲି ପୋଖରୀକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତା ବଶତଃ ଗଭୀର ପାଣିରେ ପଶି ଯାଇଥିଲେ ଓ ଦୀର୍ଘ ସମୟ ପାଣିରେ ଖୋଜା ଖୋଜା ଖୋଜି କରି ଗ୍ରାମବାସୀ ତାଙ୍କୁ ଚନ୍ଦ୍ରଗିରି ମେଡିକାଲ୍ ?କୁ ନେଇଥିଲେ। ହେଲେ ଚିକିତ୍ସା ପୂର୍ବରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ



ନବରଙ୍ଗପୁର,୧୨।୧୦(ପ୍ରବାହ ନ୍ୟୁଜ): ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ଶ୍ରୀ ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣା ର ବିଚାରଣା କରି ଅଭିଯୁକ୍ତ ଡେଭିଡ ଗରଡ଼ା କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୩୦,୦୦୦/-ଟଙ୍କା ଜୋରିମାନା ରେ ଦଣ୍ଡିତ କରିଛନ୍ତି । ସୂଚନା ଅନୁଯାୟୀ ,ନବରଙ୍ଗପୁର ଥାନା ଅନ୍ତର୍ଗତ ନବରଙ୍ଗପୁର ସହରର ପୀଡିତା ଗତ ୩୧/ ୧୦/୨୦୨୫ ତାରିଖ ଦିନ ନବରଙ୍ଗପୁର ଥାନାରେ କେସ ନମ୍ବର ୪୬/୨୫ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ଡେଭିଡ଼ ଗରଡ଼ା ଜଣେ ମନସ୍ତତ୍ୱ ବିଶାରଦ ଭାବରେ ତାଙ୍କୁ ସମସ୍ତ ମାନସିକ ଅଶାନ୍ତି ରୁ ମୁକ୍ତି ପାଇଁ ଶିକ୍ଷା ଦେଉଥିଲେ ଏବଂ ତାଙ୍କ ପିତାଙ୍କ ପାଖରେ ଜଣେ ସାଉଣ୍ଡ ସିଷ୍ଟମ ଅପରେଟର ଭାବରେ କାମ କରି ପ୍ରାୟ ସମୟରେ ତାଙ୍କ ଘରକୁ ଯିବା ଆସିବା କରୁଥିଲେ କ୍ଷ ପୀଡିତା ଛାତ ଉପରକୁ ଯିବା ସମୟରେ ଅଭିଯୁକ୍ତ ମଧ୍ୟ ସେହି ଛାତ ଉପରକୁ ଯାଇ ବାର୍ତ୍ତାଳାପ କରୁଥିଲେ କ୍ଷ ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବଢିଲା ଏବଂ ଦିନେ ହଠାତ ଅଭିଯୁକ୍ତ ପୀଡିତା କୁ ଆଲିଙ୍ଗନ କରିବା ସହ ଇଚ୍ଛା ବିରୋଧ ରେ ଚୁମ୍ବନ ଦେଇଥିଲେ କ୍ଷ ଏହି ଘଟଣା ଘଟିଯିବା ପରେ ଗତ ୨୦୨୪ ବର୍ଷ ର ମାର୍ଚ୍ଚ ମାସରେ ପୀଡିତା ଘରେ ଏକାକୀ ଥିବା ବେଳେ ଅଭିଯୁକ୍ତ ହଠାତ ଆସି ପୀଡିତା ରେ ଇଚ୍ଛା ବିରୋଧ ରେ ତାକୁ ଦୁଷ୍କର୍ମ କଲା ଏବଂ ଏହି କଥା ବାହାରେ ପ୍ରଘଟ କଲେ ଜୀବନରେ ମାରିଦେବି ବୋଲି ଧମକ ଚମକ ଦେଲା କ୍ଷ ସେ କରିଥିବା ଦୁଷ୍କର୍ମ ଯୋଗୁଁ ପୀଡିତା ର ମାସିକ ଧର୍ମ ବନ୍ଦ ହେବା ଜାଣିବା ପରେ ପୀଡିତା ଉକ୍ତ ଘଟଣା କୁ ଅଭିଯୁକ୍ତ କୁ ଜଣାଇବା ପରେ ଅଭିଯୁକ୍ତ ଏକ ଗର୍ଭ ପରୀକ୍ଷା କିଟ ଦେଇ ତାହାର ଗର୍ଭ ପରୀକ୍ଷା କରାଇଥିଲା ଓ ପୀଡିତା କୁ ପଇଡ଼ ପାଣି ଓ ଅମୃତଭଣ୍ଡା ଖାଇବାକୁ ଦେବା ପରେ ତାହାର ମାସିକ ଧର୍ମ ଠିକ ହୋଇଥିଲା କ୍ଷ ଏହାପରେ ପୀଡିତା ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱର ଚାଲିଯିବା ପରେ ମଧ୍ୟ ସେ ତାକୁ ଭେଟିବା ପାଇଁ ବାଧ୍ୟ କରୁଥିଲା କ୍ଷ ଗତ ୨୦୨୫ ମସିହା ସେପଟ୍ମେର ମାସ ରେ ଅଭିଯୁକ୍ତ ପୀଡିତା କୁ ଆମେ ବିବାହ କଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି କହି କିଛି କାଗଜପତ୍ର ରେ ପୀଡିତା ରେ ଦସ୍ତଖତ ନେଇଥିଲା କ୍ଷ କିଛିଦିନ ପରେ ପୀଡିତା ନିଜ ଜେଜେବାପା ଙ୍କ ଘରକୁ ବୁଲିବାକୁ ଯାଇଥିବା ବେଳେ ଅଭିଯୁକ୍ତ ତାହାର ନୃଶଂସତା ଦେଖାଇ ପୀଡିତା ର ପିତାଙ୍କୁ କହିଲା ଯେ, ଯଦି ସେ ତାଙ୍କ ଝିଅ କୁ ତା ପାଖକୁ ନ ପଠାନ୍ତି ତେବେ ସେ ତାହାର ଫୋଟ ଗୁଡିକ ସୋସିଆଲ ମିଡିଆରେ ଭାଇରାଲ କରିବି ବୋଲି କହି ପରବର୍ତ୍ତୀ ସମୟରେ ପୀଡିତା ର ପିତାମାତା ଙ୍କ କିଛି ଫୋଟ ଇନଷ୍ଟାଗ୍ରାମ ରେ ପୋଷ୍ଟ କରିଥିଲା କ୍ଷ ପୋଲିସ ଘଟଣା ର ତଦନ୍ତ କରି ଅଭିଯୁକ୍ତ ଡେଭିଡ ଗରଡ଼ା କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ପେନାଲ କୋଡ଼ ର ଧାରା ୩୫୪, ୫୦୬ ଓ ପକସୋ ଆଇନ ର ଧାରା (୬) ଓ ଧାରା (୧୨) ପ୍ରକାରେ ମାମଲା ରୁଜୁ କରିଥିଲେ ଯାହାର କୋର୍ଟ କେସ ନମ୍ବର ଥିଲା ଞଜ-୦୬/ ୨୫ କ୍ଷ ସମସ୍ତ ୧୮ ଜଣ ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଡେଭିଡ ଗରଡ଼ା କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୩୦,୦୦୦/- ଟଙ୍କା ରେ ଅର୍ଥ ଦଣ୍ଡ ରେ ଦଣ୍ଡିତ କରିଛନ୍ତି କରିଛନ୍ତି କ୍ଷ ଜୋରିମାନା ଅନାଦେୟ ଏକ ବର୍ଷ ଅଧିକ ଜେଲ ଦଣ୍ଡ ଭୋଗ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁ ପୀଡିତା କୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସରକାର ଙ୍କ ପକ୍ଷରୁ ସରକାରୀ ଓକିଲ ମୃତ୍ୟୁଞ୍ଜୟ ମହାରଣା ମାମଲା କୁ ପରିଚାଳନା କରୁଥିଲେ ।

## ବାଙ୍କୀ କଲେଜରେ ବୋମାମାଡ଼, ତଦନ୍ତ କରୁଛି ୩ ଜଣିଆ ସାଇଣ୍ଟିଫିକ୍ ଟିମ୍

**କଟକ/ବାଙ୍କୀ,୧୨।୧୦(ପ୍ରବାହ ନ୍ୟୁଜ) :** କଟକ ଜିଲ୍ଲା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମାମାଡ଼ ଅଭିଯୋଗକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ପାଇଁ ସୋମବାର କଲେଜ ପରିସରରେ ପହଞ୍ଚିଛି ତିନି ଜଣିଆ ସାଇଣ୍ଟିଫିକ୍ ଟିମ୍। ଟିମ୍ ପକ୍ଷରୁ ଘଟଣାସ୍ଥଳରେ ଅନୁଧ୍ୟାନ କରାଯିବା ସହ ବିଭିନ୍ନ ଦିଗରୁ ପ୍ରମାଣ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବୋମାମାଡ଼ ହୋଇଥିବା ଅଭିଯୋଗ ଆସିଥିଲା। ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଘଟଣାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ତେବେ କେତୋଟି ବୋମାମାଡ଼ ହୋଇଥିଲା, ଏହା ପଛରେ କେଉଁ କାରଣ ରହିଛି ଏବଂ କେଉଁମାନେ ଏଥିରେ ସମ୍ପୃକ୍ତ, ସେ ସମ୍ପର୍କରେ ଏଯାଏଁ ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ?ର ଅନୁଧ୍ୟାନ ପରେ ବୋମାମାଡ଼ର ପ୍ରକୃତି ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ସ୍ପଷ୍ଟତା ଆସିବା ଆଶା କରାଯାଉଛି। ଅନ୍ୟପକ୍ଷରେ, କଲେଜ ପରିସରରେ ଏଭଳି ଘଟଣା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ତଦନ୍ତ ଆଗକୁ ବଢ଼ିବା ସହ ଘଟଣାର ପ୍ରକୃତ କାରଣ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି।

## ପରିବା ଦର ଆକାଶଛୁଆଁ



**କଟକ,୧୨।୧୦(ପ୍ରବାହ ନ୍ୟୁଜ) :** କଟକର ପରିବା ବଜାରରେ ଏବେ ଦରବୃଦ୍ଧିର ତାତି। ବିଶେଷକରି ସହରର ପ୍ରମୁଖ ପରିବା ବାଣିଜ୍ୟ କେନ୍ଦ୍ର ଛତ୍ରବଜାରରେ ପରିବା କିଣିବାକୁ ଆସୁଥିବା ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି ଅଧିକ ବୋଝ। ବାଇଗଣ, ଭେଣ୍ଡି, ଟମାଟୋ ଓ ପୋଟଳ ଭଳି ନିତିଦିନିଆ ପରିବାର ଦର କିଲୋ ପ୍ରତି ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିବାରୁ ସାଧାରଣ ଗ୍ରାହକ ଚିନ୍ତାରେ ପଡ଼ିଛନ୍ତି। ଅଳ୍ପ କିଛି ଦିନ ମଧ୍ୟରେ ଦର ବଢ଼ିଯାଇଥିବାରୁ ମଧ୍ୟବିତ୍ତ ପରିବାରର ମାସିକ ଖର୍ଚ୍ଚ ବଜେଟ୍ ଦୋହଲି ଯାଇଛି।

କଟକ ସହରର ଛତ୍ରବଜାର ସମେତ ବିଭିନ୍ନ ସ୍ଥାନୀୟ ପରିବା ହାଟରେ ଦରବୃଦ୍ଧିର ପ୍ରଭାବ ଅନୁଭୂତ ହେଉଛି। ପରିବା କିଣିବାକୁ ଆସୁଥିବା ଗ୍ରାହକମାନେ ଦର ପଚାରିବା ପରେ ଆବଶ୍ୟକତା ଅନୁଯାୟୀ ପରିବା କିଣିବା ବଦଳରେ ପରିମାଣ କମାଇବାକୁ ବାଧ୍ୟ ହେଉଛନ୍ତି। ପରିବାରର ଦୈନନ୍ଦିନ ଖାଦ୍ୟରେ ଆବଶ୍ୟକ ହେଉଥିବା ପରିବା କିଣିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବାରୁ ଘର ଚଳାଇବା ଏବେ କଷ୍ଟକର ହୋଇପଡ଼ିଛି। ଗୋଟିଏ ପଟେ ଅନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର, ଅନ୍ୟପଟେ ପରିବା ଦର ବୃଦ୍ଧି ଗ୍ରାହକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି।

ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ପରିବା ଚାଷ ପ୍ରଭାବିତ ହେବା ଓ କେତେକ ଅଞ୍ଚଳରେ ଫସଲ ନଷ୍ଟ ହେବାକୁ ଦରବୃଦ୍ଧିର ଏକ ପ୍ରମୁଖ କାରଣ ଭାବେ ଦେଖାଯାଉଛି। ବର୍ଷା ଯୋଗୁଁ କ୍ଷେତରୁ ପରିବା ସଂଗ୍ରହ, ପରିବହନ ଓ ବଜାରକୁ ଯୋଗାଣ ପ୍ରଭାବିତ ହେଲେ ଖୁଚୁରା ବଜାରରେ ଦର ବଢ଼ିବାର ଆଶଙ୍କା ରହିଥାଏ। ଛତ୍ରବଜାର ଭଳି ପ୍ରମୁଖ ବଜାରକୁ ପରିବାର ଯୋଗାଣ କମିଲେ ଏହାର ପ୍ରଭାବ ସହରର ଅନ୍ୟ ହାଟଗୁଡ଼ିକରେ ମଧ୍ୟ ପଡ଼ିପାରେ। ତେବେ ବର୍ତ୍ତମାନର ଦରବୃଦ୍ଧି ପଛରେ କେଉଁ ପରିମାଣରେ ଯୋଗାଣ ହ୍ରାସ ଓ ପରିବହନ ସମସ୍ୟା ଦାୟୀ, ତାହାର ସ୍ପଷ୍ଟ ଆକଳନ ଆବଶ୍ୟକ।

ପରିବା ଦର ବଢ଼ିବା ଯୋଗୁଁ କେବଳ ଘରୋଇ ଗ୍ରାହକ ନୁହନ୍ତି, ଛୋଟ ହୋଟେଲ, ଜଳଖିଆ ଦୋକାନ ଓ ଅନ୍ୟ ଖାଦ୍ୟ ବ୍ୟବସାୟୀମାନେ ମଧ୍ୟ ଅତିରିକ୍ତ ଖର୍ଚ୍ଚର ଚାପ ସାମ୍ନା କରିପାରନ୍ତି। ପରିବା କିଣିବାରେ ଅଧିକ ଖର୍ଚ୍ଚ ହେଲେ ବ୍ୟବସାୟୀଙ୍କ ଲାଭ କମିବା ସହ ଖାଦ୍ୟ ପ୍ରସ୍ତୁତି ଖର୍ଚ୍ଚ ମଧ୍ୟ ବଢ଼ିପାରେ। ଏହାର ପରୋକ୍ଷ ପ୍ରଭାବ ଗ୍ରାହକଙ୍କ ଉପରେ ପଡ଼ିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ।

ଏଭଳି ସ୍ଥିତିରେ କଟକର ଛତ୍ରବଜାର ସମେତ ଅନ୍ୟ ପରିବା ହାଟରେ ଦର ନିୟମିତ ଯାଞ୍ଚ କରିବା, ଯୋଗାଣ ବ୍ୟବସ୍ଥା ଉପରେ ନଜର ରଖିବା ଓ ଗ୍ରାହକଙ୍କୁ ଉଚିତ ଦରରେ ପରିବା ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବଜାରରେ ପରିବାର ଯୋଗାଣ ସ୍ୱାଭାବିକ ହେଲେ ଦର ନିୟନ୍ତ୍ରଣକୁ ଆସିବାରେ ସହାୟତା ମିଳିପାରେ। ତେବେ କଟକରେ ପରିବା ଦର କେବେ କମିବ ଏବଂ ସାଧାରଣ ଗ୍ରାହକ କେବେ ଆଶ୍ୱସ୍ତି ପାଇବେ, ତାହା ଏବେ ସମସ୍ତଙ୍କ ଅପେକ୍ଷାର ବିଷୟ ହୋଇଛି।

## ଚେନ୍ନାଇରେ ମୃତ ଦେବଗଡ଼ର ବୈକୁଣ୍ଠଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର,୧୨।୧୦(ପ୍ରବାହ ନ୍ୟୁଜ) :** ଦେବଗଡ଼ ଜିଲ୍ଲା, ବାରକୋଟର ବୈକୁଣ୍ଠ ବେହେରା (ପିତା – ଧନୁର୍ଜୟ ବେହେରା)ଙ୍କର ଚେନ୍ନାଇରେ ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

### ସେବା ସେତୁ ଅଭିଯାନ ଅଧୀନରେ ଡେଲାଙ୍ଗଠାରେ

# ପିଏମ୍ ସୂର୍ଯ୍ୟ ଘର ଷ୍ଟଲ୍‌କୁ ଉଦ୍‌ଘାଟନ କଲେ ସାଂସଦ



**ପୁରୀ,୧୨।୧୦(ପ୍ରବାହ ନ୍ୟୁଜ) :** ପୁରୀ ଜିଲ୍ଲା ଡେଲାଙ୍ଗଠାରେ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା' ଅଧୀନରେ ଏକ ସ୍ୱତନ୍ତ୍ର ଷ୍ଟଲ୍‌କୁ ପୁରୀ ଲୋକସଭା ସାଂସଦ ଶ୍ରୀ ସମ୍ବିତ ପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଯୋଗ୍ୟ ପରିବାରଗୁଡ଼ିକୁ ରୁଫ୍‌ଟପ୍ ସୋଲାର ଆପଣାଇବା ସହ ସରକାରୀ ସବସିଡିର ଲାଭ ଉଠାଇବା ପାଇଁ ଉତ୍ସାହିତ କରିଥିଲେ। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍)ର 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ସେବା ସେତୁ' କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ, ଯାହାର ଉଦ୍ଦେଶ୍ୟ ହେଉଛି ଉପଭୋକ୍ତାମାନଙ୍କ ନିକଟରେ ଏହି ଯୋଜନା ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ସହାୟତା ପହଞ୍ଚାଇବା।

ଏହି କାର୍ଯ୍ୟକ୍ରମରେ ପିପିଲି-ଡେଲାଙ୍ଗର ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ସ୍ଥାନୀୟ ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଷ୍ଟଲ୍ ପରିଦର୍ଶନ ସମୟରେ ମାନ୍ୟବର ସାଂସଦ ଏବଂ ବିଧାୟକ ରୁଫ୍‌ଟପ୍ ସୋଲାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଯୋଗ୍ୟ ବିବେଚିତ ପରିବାରଗୁଡ଼ିକ ଉପଲବ୍ଧ ଥିବା ସରକାରୀ ସବସିଡି ସୁବିଧାକୁ ବିଳମ୍ବ ନକରି ତୁରଂ ଉପଯୋଗ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ସେମାନଙ୍କ ଉପସ୍ଥିତି ପ୍ରମାଣିତ କରିଥିଲା ଯେ ଅଧିକରୁ ଅଧିକ ଲୋକଙ୍କୁ ରୁଫ୍‌ଟପ୍ ସୋଲାର ସହ ଯୋଡ଼ିବା ପାଇଁ ତୃଣମୂଳ ସ୍ତରରେ ସଚେତନତା ଏବଂ ସ୍ଥାନୀୟ ଲୋକସମ୍ପର୍କ କେତେ ଗୁରୁତ୍ୱପୂର୍ଣ୍ଣ।

ସେବା ସେତୁ ଶିବିର ମାଧ୍ୟମରେ ଟିପିସିଓଡିଏଲ୍ ପକ୍ଷରୁ ଉପଭୋକ୍ତାମାନଙ୍କୁ ଘଟଣାସ୍ଥଳରେ ତୁରନ୍ତ ପଞ୍ଜୀକରଣ ସହାୟତା, ସରକାରୀ ସବସିଡି ଉପରେ ବିସ୍ତୃତ ତଥ୍ୟ, ବ୍ୟାଙ୍କ ଋଣ ତଥା ଆର୍ଥିକ ବିକଳ୍ପ ସମ୍ପର୍କରେ ମାର୍ଗଦର୍ଶନ ଏବଂ ଭେଣ୍ଡର ଚୟନରେ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି। ଲୋକମାନଙ୍କ ନିକଟରେ ସମସ୍ତ ତଥ୍ୟ ଓ ସହାୟତା ଯୋଗାଇ ଦେଇ ଏହି ପଦକ୍ଷେପ ରୁଫ୍‌ଟପ୍ ସୋଲାର ଆପଣାଇବା ପ୍ରକ୍ରିୟାକୁ ବେଶ୍ ସହଜ ଓ ସରଳ କରିବାରେ ସାହାଯ୍ୟ କରୁଛି।

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି 'ସେବା ସଂକଳ୍ପ ଅଭିଯାନ' ଆସନ୍ତା ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ନିଜର ସେବାଯୋଗାଣ ଅଞ୍ଚଳରେ ୭୯,୪୦୦ରୁ ଅଧିକ ରୁଫ୍‌ଟପ୍ ସୋଲାର ସଂଯୋଗ ସଫଳତାର ସହ ସ୍ଥାପନ କରିସାରିଥିବା ଟିପିସିଓଡିଏଲ୍, ରୁଫ୍‌ଟପ୍ ସୋଲାର ଆପଣାଇବାର ଗତିକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା' ଅଧୀନରେ ସେଣ୍ଟ୍ରାଲ ଓଡ଼ିଶାର ଅଧିକରୁ ଅଧିକ ପରିବାରକୁ ସ୍ୱଚ୍ଛ ଶକ୍ତିର ଲାଭ ପହଞ୍ଚାଇବା ପାଇଁ ନିଜର ସଚେତନତା ଓ ଯୋଗାଯୋଗ ଅଭିଯାନକୁ ଅଧିକ ବ୍ୟାପକ କରୁଛି।

## ମା' ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ



**କଟକ,୧୨।୧୦(ପ୍ରବାହ ନ୍ୟୁଜ) :** ନବରାତ୍ରିର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କଟକର ପ୍ରସିଦ୍ଧ ଶକ୍ତିପୀଠ ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବଗଳାମୁଖୀ ବେଶରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ମା'ଙ୍କ ଜୟଧ୍ୱନିରେ ପ୍ରକମ୍ପିତ ହୋଇଉଠୁଛି ସମଗ୍ର ମନ୍ଦିର ପରିସର।ଦେବୀଙ୍କ ଦିବ୍ୟ ବେଶ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶକ୍ତିପୀଠରେ ପହଞ୍ଚୁଛନ୍ତି। ମା' ଗଡ଼ଚଣ୍ଡୀଙ୍କ ପୀଠରେ ଏବେ ଷୋଡ଼ଶ ଉପଚାର ପୂଜା ଚାଲିଥିବା ବେଳେ ଆଜି ଏହାର ଦଶମ ଦିବସ। ଅନ୍ୟପକ୍ଷରେ ନବରାତ୍ରି ପୂଜାର ଦ୍ୱିତୀୟ ଦିନ ଅବସରରେ ମା'ଙ୍କୁ ବଗଳାମୁଖୀ ବେଶରେ ସୁସଜ୍ଜିତ କରାଯାଇଛି। ପ୍ରାତଃକାଳରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ପ୍ରାରମ୍ଭିକ ନୀତିକାନ୍ତି ସମାପନ ପରେ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଦେବୀଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଚାଲିଥିବା ବେଳେ ପୀଠରେ ଧାର୍ମିକ ଶ୍ରଦ୍ଧା ଓ ଭକ୍ତିର ପରିବେଶ ଅନୁଭୂତ ହେଉଛି।ନବରାତ୍ରି ସମୟରେ ଦେବୀଙ୍କ ଉପାସନା, ବିଭିନ୍ନ ପୂଜାବିଧି ଓ ବିଶେଷ ବେଶ ଦର୍ଶନର ଗୁରୁତ୍ୱ ରହିଛି। ଏହି ଅବସରରେ ଭକ୍ତମାନେ ମା'ଙ୍କ ନିକଟରେ ଦୀପ ଓ ଧୂପ ଅର୍ପଣ କରିବା ସହ ନିଜ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରୁଛନ୍ତି। ମା'ଙ୍କ ବଗଳାମୁଖୀ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ତୃପ୍ତି ଲାଭ କରୁଥିବା ବେଳେ ପୂଜାର୍ଚ୍ଚନାକୁ ନେଇ ପୀଠରେ ଭକ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହେଉଛି।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

**କଟକ,୧୨।୧୦(ପ୍ରବାହ ନ୍ୟୁଜ) :** ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଓ ବିଭିନ୍ନ ସରକାରୀ ସେବା ସମ୍ପର୍କିତ ଅଭିଯୋଗର ତ୍ୱରିତ ନିଷ୍ପତ୍ତି ଲକ୍ଷ୍ୟରେ ସୋମବାର କଟକ ଜିଲ୍ଲାର ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ମୋଟ ୬୨ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ୧୬ଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଶିବିରରେ କୃଷି, ଶିକ୍ଷା, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ଭିନ୍ନକ୍ଷମଙ୍କ ସମସ୍ୟା ଏବଂ ବିଭିନ୍ନ ଭତ୍ତା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରାଯାଇଥିଲା। ଅଭିଯୋଗ ଗୁଡ଼ିକର ଯଥାଶୀଘ୍ର ସମାଧାନ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ପୁଲିସ ଅତିରିକ୍ତ ଉପଆୟୁକ୍ତ ଅମରେନ୍ଦ୍ର ପଣ୍ଡା ଏବଂ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଆସନ୍ତା ୨୬ ତାରିଖରେ କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟରେ ପରବର୍ତ୍ତୀ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

## ଥମ୍ସ ଅପ୍‌ର ତୁଫାନୀ ବିରିୟାନୀ ହଂଟ୍ ସିଜିନ୍-୩ର ଶୁଭାରମ୍ଭ




**ଭୁବନେଶ୍ୱର,୧୨।୧୦(ପ୍ରବାହ ନ୍ୟୁଜ) :** ଜଣେ ପ୍ରକୃତ ବିରିୟାନୀ ପ୍ରେମୀଙ୍କ ପାଇଁ, ଏକ ଉତ୍କୃଷ୍ଟ ବିରିୟାନୀ ଖୋଜି ପାଇବା ପାଇଁ ଦୂର ସ୍ଥାନକୁ ଯିବା ମଧ୍ୟ ସାର୍ଥକ ମନେହୁଏ। ସର୍ବୋତ୍ତମ ବିରିୟାନୀ ସବୁବେଳେ ସୋସିଆଲ୍ ମିଡିଆରେ ଚର୍ଚ୍ଚିତ କିମ୍ବା ଅତ୍ୟଧିକ ଭିଡ଼ ଜମାଉଥିବା ସ୍ଥାନର ହୋଇନପାରେ; ବରଂ ଏହା ସେହି ବିରିୟାନୀ ହୋଇପାରେ ଯାହା ପାଇଁ ଲୋକେ ଅନ୍ୟ ସ୍ଥାନକୁ ଯାଆନ୍ତି, ଲୋକମୁଖରୁ ଶୁଣି ସେଠାରେ ପହଂଚନ୍ତି ଏବଂ ବାରମ୍ବାର ସେଠାକୁ ଫେରି ଆସନ୍ତି। ଏକ ଅବିସ୍ମରଣୀୟ ବିରିୟାନୀ ଖୋଜିବାର ଏହି ଉତ୍ସାହକୁ ଆଧାର କରି, ଥମ୍ସ ଅପ୍ ଏହାର ତୁଫାନୀ ବିରିୟାନୀ ହଂଟର ତୃତୀୟ ସିଜିନ୍ ସହିତ ଫେରିଛି। ଏହା ବିରିୟାନୀ ପ୍ରତି ଭାରତର ଗଭୀର ଭଲପାଇବା ଏବଂ ବିରିୟାନୀ ସହିତ ଥମ୍ସ ଅପ୍‌ର ଅତୁଳନୀୟ ଯୋଡ଼ିକୁ ଉତ୍ସବ ଭଳି ପାଳନ କରିବାର ଯାତ୍ରାକୁ ଜାରି ରଖିଛି।

ସେଫ୍ ରଣବୀର ବ୍ରାରଙ୍କ ଦ୍ୱାରା ଆୟୋଜିତ ଏହି ନୂତନ ସିଜିନ୍ ତାଙ୍କର ତୁଫାନି ଦଳକୁ ଅନୁସରଣ କରେ ଯେତେବେଳେ ସେମାନେ ଦେଶର କିଛି ଲୁକ୍କାୟିତ ରତ୍ନ ସ୍ଥାନୀୟ ବିରିୟାନି ପଛରେ ଥିବା କାହାଣୀ, ସ୍ୱାଦ ଏବଂ ଲୋକଙ୍କୁ ଖୋଜିଥାଁ। ସମୟ-ପରୀକ୍ଷିତ ରେସିପି ଏବଂ ଦଶନ୍ଧି ପୁରୁଣା ପ୍ରତିଷ୍ଠାନରୁ ଆରମ୍ଭ କରି ଘରୋଇ ସେଫ୍‌ଙ୍କ ପର୍ଯ୍ୟନ୍ତ ଯେଉଁମାନଙ୍କର ଖାଦ୍ୟ ସ୍ଥାନୀୟ ଅଂଚଳରେ ଲୋକପ୍ରିୟ ପାଲଟିଛି, ଏହି ସିଜିନ୍ ସେହି ସ୍ଥାନକୁ ଯାଏ ଯେଉଁଠାରେ ଜଣେ ପ୍ରକୃତ ବିରିୟାନି ପ୍ରେମୀ ଯାଇପାରନ୍ତି: ସ୍ପଷ୍ଟତା ବାହାରେ, କୌତୁହଳ, କଥା ଏବଂ ମନେରଖିବା ଯୋଗ୍ୟ ଏକ ପ୍ଲେଟର ପ୍ରତିଶ୍ରୁତି ଦ୍ୱାରା ପରିଚାଳିତ। ତୁଫାନି ବିରିୟାନି ହଂଟ ମାଧ୍ୟମରେ, ଥମ୍ସ ଅପ୍ ଆବିଷ୍କାରର ଏହି ସଂସ୍କୃତି ଏବଂ ପରବର୍ତ୍ତୀ ମହାନ ପ୍ଲେଟ କେଉଁଠାରେ ପାଇବେ ତାହା ଜାଣିଥିବା ଲୋକମାନଙ୍କୁ ପାଳନ କରେ।

କୋକା-କୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ସ୍ପାର୍କଲିଂ ଫ୍ଲେଭର୍ସ ବିଭାଗର ମୁଖ୍ୟ ସୁମେଲି ଚାଟାର୍ଜୀ କହିଛନ୍ତି, 'ଏକ ପ୍ଲେଟ୍ ବିରିୟାନି, ଥଣ୍ଡା ଥମ୍ସ ଅପ୍ ଏବଂ ଟେବୁଲ୍ ଚାରିପାଖରେ ବନ୍ଧୁବାନ୍ଧବଙ୍କ ଉପସ୍ଥିତି - ଏସବୁ ମିଶି ନୂଆ କାହାଣୀ ଓ ରୋମାଂଚକର ଅନୁଭୂତି ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରେ।ତୁଫାନି ବିରିୟାନି ହଂଟର ନୂଆ ସିଜିନରେ, ସେଫ୍ ରଣବୀର ବ୍ରାର୍ ଏବଂ ତାଙ୍କ ବନ୍ଧୁମାନେ ସାଧାରଣତଃ ଲୋକପ୍ରିୟ ଥିବା ସ୍ଥାନଗୁଡ଼ିକ ବାହାରକୁ ଯାଇ ଏପରି କିଛି ଲୁକ୍କାୟିତ ସ୍ୱାଦିଷ୍ଟ ବିରିୟାନି ସ୍ଥାନ ଖୋଜି ବାହାର କରିବେ, ଯାହା ପ୍ରତ୍ୟେକ ସହରର ବିରିୟାନି ସଂସ୍କୃତିକୁ ଜୀବନ୍ତ କରିଥାଏ। ଖ୍ୟାତି ଅପେକ୍ଷା ସ୍ୱାଦକୁ ଗୁରୁତ୍ୱ ଦେଇ, ଆମେ ସେହି ସ୍ଥାନଗୁଡ଼ିକ ଉପରେ ଆଲୋକପାତ କରୁଛୁ ଯାହା ଗୋଟିଏ ପରେ ଗୋଟିଏ ପ୍ଲେଟ୍ ବିରିୟାନି ମାଧ୍ୟମରେ ଲୋକଙ୍କ ହୃଦୟ ଜିତି ପାରିଛି। ଦାୱତ୍ ସହିତ ଆମର ଏହି ସହଯୋଗ ଦୁଇଟି ବ୍ରାଣ୍ଡକୁ ଏକାଠି କରୁଛି ଯାହା ବିରିୟାନି ଉତ୍ସବର ମୁଖ୍ୟ ଅଂଶବିଶେଷ ଅଟେ; ଏହା ଥମ୍ସ ଅପ୍ ସହିତ ପ୍ରତ୍ୟେକ ମିଳିତ ଭୋଜନକୁ ଆହୁରି ଅଧିକ ତୁଫାନି କରିତୋଳିବ। ତୁଫାନି ବିରିୟାନି ହଂଟ ମାଧ୍ୟମରେ, ଥମ୍ସ ଅପ୍ ଭାରତର ବିରିୟାନି ପ୍ରତି ପ୍ରେମକୁ ଘେରି ରହିଥିବା ଉତ୍ସାହ, କୌତୁହଳ ଏବଂ ଆଲୋଚନାକୁ ପାଳନ କରିଚାଲିଛି। ଇନଷ୍ଟାଗ୍ରାମରେ ଏହି ହଂଟ୍ ପ୍ରକାଶ ପାଇବା ସହିତ, ପ୍ଲାଟଫର୍ମ ଏହି କାହାଣୀଗୁଡ଼ିକୁ ଖାଦ୍ୟ ଆଲୋଚନାର କେନ୍ଦ୍ରରେ ରଖିବାକୁ ଲକ୍ଷ୍ୟ ରଖିଛି, ଯାହା ଦେଶ ସାରା ବିରିୟାନି ପ୍ରେମୀଙ୍କୁ ସେମାନଙ୍କର ପରବର୍ତ୍ତୀ ପ୍ରିୟ ବିରିୟାନି ସ୍ଥାନ ଆବିଷ୍କାର କରିବାର ସର୍ବୋତ୍ତମ ଉପାୟ ପ୍ରଦାନ କରିବ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ, ଚର୍ଚ୍ଚାରେ ଅଞ୍ଜନ ଓ ପ୍ରଭାସ

**ବାରିପଦା,୧୨।୧୦(ପ୍ରବାହ ନ୍ୟୁଜ) :** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଅଞ୍ଜନ ସୋରେନ ଏବଂ ସାଧାରଣ ସମ୍ପାଦକ ପଦ ପାଇଁ ପ୍ରାର୍ଥୀ ପ୍ରଭାସ କୁମାର ମାରାଣ୍ଡି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଚର୍ଚ୍ଚାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି, ଗତ ୪ରୁ ୫ ବର୍ଷ ଧରି କଲେଜର ବିଭିନ୍ନ ସମସ୍ୟାକୁ ନେଇ ସେମାନେ ସ୍ୱାଧୀନ ଭାବରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରେ ସ୍ୱର ଉଠାଇ ଆସିଛନ୍ତି। କେବଳ ନିର୍ବାଚନ ସମୟରେ ଭୋଟ ମାଗିବା ନୁହେଁ, ବରଂ ଛାତ୍ର ଛାତ୍ରୀଙ୍କ ସମସ୍ୟା ସମୟରେ ଛାତ୍ରଛାତ୍ରୀଙ୍କ ପାଖରେ ଠିଆ ହେବାକୁ ସେମାନଙ୍କ ସମର୍ଥକମାନେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପନ କରୁଛନ୍ତି। ଛାତ୍ର ସମସ୍ୟାକୁ ନେଇ ଅତୀତରେ ଏମାନେ ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ତଥା ପରୀକ୍ଷା ଫଳ ଠିକ ସମୟରେ ପ୍ରକାଶ କରିବା ଦାବି, ନିର୍ଦ୍ଧାରିତ ସମୟଠାରୁ କମ ସମୟ ମଧ୍ୟରେ ପରୀକ୍ଷା ହେବା ପରିସ୍ଥିତିରେ ୫୦ ପ୍ରତିଶତ ସିଲାବସ ହ୍ରାସ କରିବା ଦାବି, ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ କଲେଜ ଗେଟରେ ପାଞ୍ଚ ଦିନ ଧରି ଅହୋରାତ୍ର ଆନ୍ଦୋଳନ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ ତତ୍କାଳୀନ ପରୀକ୍ଷା ନିୟନ୍ତ୍ରକଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ



ସେମାନଙ୍କ ପରିବର୍ତ୍ତନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଆଦି ଆନ୍ଦୋଳନରେ ସାମିଲ ଲୋଇଥିଲେ । ଅନ୍ୟପକ୍ଷରେ, ବିସିଜେଡି ଓ ଏବିଭିପି ପ୍ରାର୍ଥୀମାନଙ୍କୁ ନେଇ ମଧ୍ୟ ନିର୍ବାଚନୀ ପ୍ରତିଯୋଗିତା ଜାରି ରହିଛି। ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନରେ ଗତ କିଛି ବର୍ଷ ମଧ୍ୟରେ କେଉଁ ସଂଗଠନ କେତେ ପଦକ୍ଷେପ ନେଇଛି, ତାହା ଏବେ ନିର୍ବାଚନୀ ଆଲୋଚନାର ଏକ ପ୍ରମୁଖ ବିଷୟ ହୋଇଛି। ତେବେ ଛାତ୍ର ସଂସଦ ନିର୍ବାଚନରେ କେବଳ ଦଳୀୟ ପରିଚୟ ନୁହେଁ, ପ୍ରାର୍ଥୀଙ୍କ ପୂର୍ବ କାର୍ଯ୍ୟ, ନେତୃତ୍ୱ, ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଏବଂ ସମସ୍ୟା ସମାଧାନ ମଧ୍ୟ ଗୁରୁତ୍ୱ ବହନ କରୁଛି. ଏହି ପରିପ୍ରେକ୍ଷୀରେ ଅଞ୍ଜନ ସୋରେନ ଓ ପ୍ରଭାସ କୁମାର ମାରାଣ୍ଡିଙ୍କ ପୂର୍ବ ଆନ୍ଦୋଳନ ଓ ଛାତ୍ର ସ୍ୱାର୍ଥ ସମ୍ପର୍କିତ କାର୍ଯ୍ୟ ସେମାନଙ୍କ ପ୍ରଚାରର ମୁଖ୍ୟ ଆଧାର ପାଲଟିଛି। ତେବେ ନିର୍ବାଚନରେ କିଏ ବାଜିମାତ କରିବେ, ତାହା ଶେଷରେ ଛାତ୍ରଛାତ୍ରୀଙ୍କ ମତଦାନ ହିଁ ନିର୍ଣ୍ଣୟ କରିବ।

## ୫ ଜଣଙ୍କ ଉପରୁ କଂଗ୍ରେସୀର ନିଲମ୍ବନ ପ୍ରତ୍ୟାହାର

**ଭୁବନେଶ୍ୱର,୧୨।୧୦(ପ୍ରବାହ ନ୍ୟୁଜ) :** ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ୫ ଜଣଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ଜଣେ ଗଞ୍ଜାମ ଜିଲ୍ଲା (ପଶ୍ଚିମ)ର। ଫୁଲବାଣୀ ମୁନିସିପାଲଟିର ବଳେଦବ ବେହେରା, ସେକ ଅବଦୁଲ ସକୀର ଓ ଶିବଶଙ୍କର ବେହେରା ଏବଂ ଖଜୁରୀପଡ଼ା ବ୍ଲକର ଗୌରଚରଣ ବେହେରାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ଗଣଧାରଣା

### କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାଭିମାନ ଓ ସୁରକ୍ଷା ଦାବିରେ ୭ ଗୋଟି ସଂଘର ଶହଶହ ସଂଖ୍ୟାରେ ସାମ୍ବାଦିକଙ୍କ ସମୂହରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର




**ବାରିପଦା,୧୨।୧୦(ପ୍ରବାହ ନ୍ୟୁଜ) :** ଚତୁର୍ଥ ସ୍ତମ୍ଭକାର(ଗଣମାଧ୍ୟମ) ଏବେ ଏହାକୁ ବ୍ୟବହାର ଉପଯୋଗୀ ହୋଇଯାଇଛି । ଏହାକୁ ସଠିକ୍ ମାର୍ଗ ତଥା ଆମେ ଏକଜୁଟ ହୋଇ ଏହାକୁ କିପରି ଆମ ଗଣମାଧ୍ୟମ ପ୍ରତିନିଧିଙ୍କ ସମୂହ ସ୍ୱାର୍ଥରେ ବ୍ୟବହାର ଉପଯୋଗୀ ହୋଇ ପାରିବ ସେ ନେଇ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟରତ ସମସ୍ତ ଗଣ ମାଧ୍ୟମ ପ୍ରତିନିଧି ସମୂହଙ୍କ ବିଭିନ୍ନ ସମସ୍ୟା , ସ୍ୱାଭିମାନ, ସ୍ୱାର୍ଥ ଓ ସମ୍ମାନ ସୁରକ୍ଷା ଦାବି ନେଇ ସୋମବାର ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକରୁ ଶହଶହ ଗଣ ମାଧ୍ୟମ ପ୍ରତିନିଧି ଯୋଗଦେଇ ପ୍ରଶାସନ ବିରୋଧରେ ବିଷଦାଗାର ବଖାଣିଛନ୍ତି । ଏହି ଅବସରରେ ମହାମଞ୍ଚରେ ୭ ଗୋଟି ସଂଘର ମିଳିତ ସମୂହରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ),ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଭଳି ପ୍ରମୁଖ ସାମ୍ବାଦିକ ସଂଗଠନ ସମୂହର କାର୍ଯ୍ୟରତ ଗଣ ମାଧ୍ୟମ ପ୍ରତିନିଧି ସାମିଲ ହୋଇ ଗଣମାଧ୍ୟମ ପ୍ରତି ଅବହେଳା ସମ୍ପର୍କରେ ଚିନ୍ତା ପ୍ରକଟ କରିବା ସହିତ ଆଗାମୀ ଦିନରେ ଜିଲ୍ଲାରେ କାର୍ଯ୍ୟରତ ପ୍ରତିନିଧି ସମୂହ ଦୃଢ ଜବାବ ଦେବେ ବୋଲି କହିଛନ୍ତି । ଗଣ ମାଧ୍ୟମ ପ୍ରତିନିଧିଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ସମ୍ମାନ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ସମସ୍ତେ ସର୍ବ ସମ୍ମତି ନିଷ୍ପତ୍ତି ନେଇଛନ୍ତି ।

ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଧାରଣାରେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ)ର ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାରର ଦୋଳ ଗୋବିନ୍ଦ ବାରିକ, ରାଜ୍ୟ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ପ୍ରୟାଗ ରାଜକର, ଓଡିଶା ଡିଜିଟାଲ ମିଡ଼ିଆ ମହାସଙ୍ଘର ଶିବାଦିତ୍ୟ ପଣ୍ଡା, ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିହାର ରଞ୍ଜନ ବେହେରା, ସନ୍ତୋଷ କୁମାର ବାଛିନି, ମଳୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦଳେଇ, କ୍ଷୀରୋଦ ଚନ୍ଦ୍ର ଦାସ ଏବଂ ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ନିଜନିଜ ବକ୍ତବ୍ୟରେ ଆଜିର ଦିନରେ ସାରା ଭାରତ ବର୍ଷରେ ସାମ୍ବାଦିକ ମାନଙ୍କର ମର୍ଯ୍ୟାଦା, କଲ୍ୟାଣ ଏବଂ ସୁରକ୍ଷା କ୍ଷୁର୍ଣ୍ଣ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ପ୍ରତି ପ୍ରଶାସନିକ ଅଣଦେଖା ସହ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ସାମ୍ବାଦିକ ମାନେ ସମ୍ମିଳିତ ଭାବରେ ବ୍ୟବସ୍ଥା ବିରୋଧରେ ଲଢ଼ି ନିଜର ନ୍ୟାର୍ଯ୍ୟ ଅଧିକାର ହାସଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ।

ଜିଲ୍ଲାରେ ସଂଗଠନଗତ ମତଭେଦରୁ ଊର୍ଦ୍ଧ୍ୱରେ ରହି ସମସ୍ତ ସାମ୍ବାଦିକ ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ ମହାମଞ୍ଚ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗକୁ ମହାମଞ୍ଚ ସାମ୍ବାଦିକଙ୍କ ଏକତା ଓ ଅଧିକାର ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଏହି ସାମ୍ବାଦିକ ମିଳିତ ମଞ୍ଚ ଧାରଣାକୁ ସ୍ୱେଚ୍ଛାକୃତ ଭାବରେ ବିଭିନ୍ନ ରାଜନୈତିକ, ସାମାଜିକ ସଂଗଠନ ପକ୍ଷରୁ ନିସର୍ତ୍ତ ସମର୍ଥନ ଘୋଷଣା କରିଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲ୍ଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ସମୂହଙ୍କ ବିଭିନ୍ନ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଅଛି।

| ଛୁଟି ଘୋଷଣା |
|---|
| ଦୈନିକ ଖବର କାଗଜ **'ପ୍ରବାହ'** ୧୨ ଅକ୍ଟୋବର ୨୦୨୬ ସଂସ୍କରଣ ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଦ ରହିଛି । ଅନିଚ୍ଛାକୃତ ବନ୍ଦ ପାଇଁ ଆମେ ଦୁଃଖିତ । **ପ୍ରକାଶକ** |

Printed, Published and owned by Diptimanjari Mohapatra, Printed at Mallhar Publications, Plot No. D.1/1, SECTOR-A, ZONE-D, MANCHESWAR INDUSTRIAL ESTATE, BHUBANESWAR-751010, KHORDHA, ODISHA and Published Srutirekha Nivas, Plot No- 154/462, Nilachakra Nagar, Gopinathpur, Puri, Odisha, Pin-752002, Email id:prabaha.daily@gmail.com, prabaha2008@gmail.com, Mo-9938340066

ସମ୍ପାଦକ: ଅଭିମନ୍ୟୁ ମହାପାତ୍ର

Editor : Abhimanyu Mohapatra